ଧରିତ୍ରୀ
DHARITRI

June 12-18, 2022 ₹ 2/-

# ନବରଙ୍ଗ



୩

ପ୍ରଚ୍ଛଦ ପ୍ରସଙ୍ଗ

## ସଜବାଜ



ସେ କବିର ମାନସପଟରେ ହେଉ ଅବା ଚିତ୍ରକରଙ୍କ କାନ୍‌ଭାସ୍, ସବୁଠି ନାରୀର ସୌନ୍ଦର୍ଯ୍ୟ ଓ ରୂପଲାବଣ୍ୟର କଥା ହିଁ ସ୍ଥାନ ପାଇଛି। ତା'ସହ ତା'ର ସଜେଇ ହେବାର କଳା ବି । ଯୁଗ ପରେ ଯୁଗ ବିତି ଚାଲିଛି, ହେଲେ ନାରୀର ସଜେଇ ହେବାର ସେଇ ଗୁଣ କିନ୍ତୁ ଜନ୍ମଜାତ ହୋଇ ରହିଯାଇଛି...

# ବାସ୍ତୁ ଅନୁସାରେ ହାତୀର ମୂର୍ତ୍ତି

**ବାସ୍ତୁଶାସ୍ତ୍ର ଅନୁସାରେ ଘରେ ହାତୀଙ୍କ ମୂର୍ତ୍ତି କିମ୍ବା ଫଟୋ ରଖିଲେ କ'ଣ ସବୁ ଉପକାର ହୋଇଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

✼ ଶୟନକକ୍ଷରେ ଯୋଡ଼ା ହାତୀଙ୍କ ମୂର୍ତ୍ତି କିମ୍ବା ଫଟୋ ରଖିଲେ ପତ୍ନୀପତିଙ୍କ ମଧ୍ୟରେ ଭଲପାଇବା ବୃଦ୍ଧି ପାଇବା ସହ ପରସ୍ପର ପ୍ରତି ସମ୍ମାନ ବଢିଥାଏ ।

✼ ଆଲମାରୀର କବାଟରେ ଶୁଣ୍ଢ ଉପରକୁ ଉଠାଇଥିବା ଦୁଇଟି



ହାତୀଙ୍କ ମଝିରେ ମା' ଲକ୍ଷ୍ମୀ ବସିଥିବାର ଫଟୋ ଲଗାଇଲେ କିମ୍ବା ଆଲମାରୀରେ ଏପରି ମୂର୍ତ୍ତି ରଖିଲେ ପରିବାରରେ ସୁଖସମୃଦ୍ଧି ବଢିବା ସହ ଆର୍ଥିକସ୍ଥିତି ମଜଭୁତ୍ ହୋଇଥାଏ ।

✼ ଘରେ ଆର୍ଥିକ ଦୂରବସ୍ଥା ଲାଗି ରହୁଥିଲେ, ହାତୀ ରହୁଥିବା ସ୍ଥାନରୁ କିଛି ମାଟି ଆଣି ଘରେ ଥିବା କୂଅରେ ପକାଇଲେ କିମ୍ବା ନାଲି କନାରେ ତାହାକୁ ବାନ୍ଧି ଘରର ପ୍ରବେଶ ଦ୍ୱାରରେ ରଖିଲେ ଧୀରେ ଧୀରେ ଏହି ସମସ୍ୟାର ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି ।

✼ସ୍ମରଣ ଶକ୍ତି ବୃଦ୍ଧି କରିବାକୁ ଚାହୁଁଥିଲେ, ହାତୀ ରହୁଥିବା ସ୍ଥାନରୁ କିଛି ମାଟି ଆଣି ସେଥିରେ ଘିଅ ଓ ପାଣି ମିଶାଇ ୬ଟି ଗୋଲି ତିଆରି କରି ସେଥିରେ ସିନ୍ଦୁର ଲଗାଇ ଗୋଟିଏ ଡବାରେ ଲୁଚାଇ ତାହାକୁ ଘରର ଦକ୍ଷିଣ-ପଶ୍ଚିମ ଦିଗରେ ରଖିଦେଲେ ସୁଫଳ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୧୨-୧୮

**ମେଷ:** ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ,ନିର୍ମାଣ ସ୍ଥଗିତ ରହିବ,ବନ୍ଧୁ ସମ୍ପର୍କ ନିବିଡ଼ ରହିପାରେ, ସ୍ୱାସ୍ଥ୍ୟରେ ଉନ୍ନତି, କାର୍ଯ୍ୟହାନିରୁ କ୍ଷୋଭ, ସହକର୍ମୀମାନଙ୍କ ଅସହଯୋଗ, ଦୂରଯାତ୍ରା ପାଇଁ ପ୍ରସ୍ତୁତି ।

**ବୃଷ:** ନୂତନ ଯୋଜନା କରିବେ, ଧନହାନିରୁ ମନସ୍ତାପ, ପଦୋନ୍ନତି ସ୍ଥଗିତ ରହିବ, ଦୂରଯାତ୍ରାର ମସୁଧା ,ନୂତନ ସମ୍ପର୍କ ସୃଷ୍ଟି, ଆତ୍ମୀୟଙ୍କ ଅନାଦର ।

**ମିଥୁନ:** ଶାରୀରିକ ସୁସ୍ଥତା, କାର୍ଯ୍ୟସିଦ୍ଧିରୁ ଆନନ୍ଦ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ରପ୍ତାନି ବାଣିଜ୍ୟରେ ଉନ୍ନତି , ସେବାର ସୁଯୋଗ ,ବନ୍ଧୁଙ୍କ ସାହାଯ୍ୟ ।

**କର୍କଟ:** ମାନସିକ ଅଶାନ୍ତି, କର୍ମଜଞ୍ଜାଳ ବୃଦ୍ଧି, ସାଂସ୍କୃତିକ କାର୍ଯ୍ୟାରମ୍ଭ, ବନ୍ଧୁ ସମ୍ପର୍କରେ ଉନ୍ନତି , ଉଚ୍ଚସ୍ତରରୁ ସମ୍ମାନ, ବାଦବିବାଦର ସମାଧାନ ।

**ସିଂହ:** କାର୍ଯ୍ୟ ସିଦ୍ଧି, ମିତ୍ରବନ୍ଧୁରେ ଆଦର ଅଭ୍ୟର୍ଥନା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ମନୋରଞ୍ଜନରେ ଅରୁଚି, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ଜମାରାଶି ପାଇବେ,ଜମିଜମା କ୍ରୟବିକ୍ରୟ ।

**କନ୍ୟା:** ନୂତନ ଯୋଜନାରମ୍ଭ, ସହକର୍ମୀଙ୍କ ସହଯୋଗ, ଆର୍ଥିକ ସମସ୍ୟା ଦୂରେଇବ, ବିବାଦରେ ବିଜୟ, ସଭାସମିତିକୁ ନିମନ୍ତ୍ରଣ, ପଦମର୍ଯ୍ୟାଦା ବୃଦ୍ଧି ।

**ତୁଳା:** ଆର୍ଥିକ କ୍ଷେତ୍ରରେ ଉନ୍ନତି, ଯାନବାହନ କ୍ରୟ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ,କାର୍ଯ୍ୟହାନିରୁ ମନସ୍ତାପ, ଶିକ୍ଷାରେ ବିଫଳତା, ସମସ୍ୟାର ମୁକାବିଲା , ଯାନବାହନରେ ତ୍ରୁଟି ।

**ବିଛା:** ସମ୍ପର୍କହାନିରୁ ମନ ଦୁଃଖ,ବନ୍ଧୁଙ୍କ ଆଶ୍ୱାସନା, ସାମାଜିକ ସମ୍ମାନ, ନିର୍ମାଣରେ ଦ୍ୱନ୍ଦ୍ୱ , ଚୁକ୍ତିପତ୍ର ସ୍ୱାକ୍ଷରିତ ପରିବାରରେ ଅସହଯୋଗ, ନୈରାଶ୍ୟ ବୃଦ୍ଧି,ସ୍ଥିରତା ଫେରିଆସିବ ।

**ଧନୁ:** ପାରିବାରିକ ଅଶାନ୍ତି, ପଡ଼ୋଶୀଙ୍କ କୁତ୍ସାରଟନା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ମାନସିକ ଅସ୍ଥିରତା, ସଙ୍ଗଦୋଷରୁ ସମାଲୋଚନା, ବିଦେଶଯାତ୍ରାର ସୁଯୋଗ ।

**ମକର:** ସମସ୍ୟାର ସମାଧାନ, ଯୋଜନା ସମ୍ପୂର୍ଣ୍ଣ ହେବ, ପଡ଼ୋଶୀଙ୍କ ସମାଲୋଚନା, ଶୁଭ ଖବର ପାଇବେ, ଏଜେନ୍ସିପ୍‌ରୁ ଖୁସି ରହିବେ, ପାରିବାରିକ ଶାନ୍ତି ।

**କୁମ୍ଭ:** ଯୋଜନା ବିଗିଡ଼ିଯିବ, ଅଂଶୀଦାରଙ୍କ ଅସହଯୋଗ, ମିତ୍ରବନ୍ଧୁଙ୍କ ପରାମର୍ଶ, , ଅନୁକୂଳ ପରିବେଶ ସୃଷ୍ଟି,ପାରିବାରିକ ସହମତି, ବ୍ୟବସାୟିକ ଉତ୍କର୍ଷ,ତୀର୍ଥାଟନ କରିପାରନ୍ତି ।

**ମୀନ:** ଧର୍ମକାର୍ଯ୍ୟ କରିବେ, ସାହାଯ୍ୟ ସହଯୋଗ ପ୍ରାପ୍ତି,ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ପ୍ରତିକୂଳତା କମିବ, ବୁଝାମଣାରେ ସମସ୍ୟା , ପାରିବାରିକ ଶାନ୍ତି, କର୍ମକ୍ଷେତ୍ରରେ ସମ୍ମାନ ।

# ଉପକାରୀ ପାନୀୟ

✼ **ପାଣି:** ସକାଳୁ ଉଠିବା ମାତ୍ରେ ଖାଲି ପେଟରେ କିଛି ପାଣି ପିଇଲେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହେବା ସହ କାମ କରିବାକୁ ଫୂର୍ତ୍ତି ଲାଗେ ଏବଂ ତ୍ୱଚାରେ ଚମକ୍ ଆସିଥାଏ ।

✼ **ମହୁ ଓ ଲେମ୍ବୁ ପାଣି:** ପ୍ରତିଦିନ ସକାଳେ ପାଣିରେ ୨/୩ ଚାମଚ ମହୁ ସହ ଏକ ଚାମଚ ଲେମ୍ବୁରସ ମିଶାଇ ପିଇଲେ ଶରୀରର ଓଜନ କମେ । ମହୁରେ ଥିବା ଆଣ୍ଟି-ଏଜିଙ୍ଗ୍ ପୋଷକ ତତ୍ତ୍ୱ ତ୍ୱଚାକୁ ମଇଶ୍ଚରାଇଜ୍ କରେ । ଲେମ୍ବୁରେ ଭିଟାମିନ୍-ସି ଥିବା ଯୋଗୁ ଏହା ଶରୀରର କୋଷିକା ତଥା ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

✼ **ଫ୍ରୁଟ୍ ଜୁସ୍:** ଫଳରେ ବିଭିନ୍ନ ପ୍ରକାରର ଭିଟାମିନ୍ସ ତଥା ପୋଷକ ତତ୍ତ୍ୱ ଭରି ରହିଥାଏ । ତେଣୁ ସକାଳେ ଫ୍ରୁଟ୍ ଜୁସ୍ ପିଇବା ଦ୍ୱାରା ଶରୀରରେ ଶକ୍ତି ସଞ୍ଚାର ହେବା ସହ ମୁଖବ୍ରଣ ସମସ୍ୟାରୁ ମୁକ୍ତି ମିଳିଥାଏ ।

✼**ଗ୍ରୀନ୍ ଟି:** ସକାଳେ ଚା' ପିଇବାର ଅଭ୍ୟାସ ଥିଲେ, କ୍ଷୀର ଚା' ପରିବର୍ତ୍ତେ ଗ୍ରୀନ୍ ଟି କିମ୍ବା ଲେମନ୍ ଟି ପିଇଲେ ତ୍ୱଚାରେ ପ୍ରାକୃତିକ ଉପାୟରେ ଗ୍ଲୋ ଆସିଥାଏ ।



✼**ହଳଦୀ ମିଶା କ୍ଷୀର:** ଏହା ଶରୀରରେ ଆଣ୍ଟିବାୟୋଟିକ୍ ରୂପେ କାମ କରିଥାଏ । ନିୟମିତ ସକାଳେ ଉଷୁମ କ୍ଷୀର ହେଉ ଅବା ଉଷୁମ ପାଣିରେ କିଛି ହଳଦୀ ମିଶାଇ ପିଇଲେ ତ୍ୱଚା ସୁସ୍ଥ ରହିଥାଏ ।

# ପାଠକୀୟ

✼ହିନ୍ଦୁ ପରମ୍ପରାରେ ଏକ ପବିତ୍ର ଶବ୍ଦ ହେଉଛି ଶଙ୍ଖ । ପୂଜାର୍ଚ୍ଚନା, ଚଳଣୀଠୁ ଆରମ୍ଭ କରି ଶାରିରୀକ ସୁସ୍ଥତା ଯାଏ ସବୁଠି ରହିଛି ଶଙ୍ଖର ସ୍ୱତନ୍ତ୍ର ଭୂମିକା । ତେଣୁ ଏଭଳି ଏକ ପବିତ୍ରତମ ବିଷୟକୁ ନେଇ ଛୁଟିଦିନରେ ପ୍ରକାଶିତ ସ୍ୱତନ୍ତ୍ର ପ୍ରଚ୍ଛଦ ପ୍ରସଙ୍ଗ 'ଶଙ୍ଖ'ଟି ବେଶ୍ ମନଛୁଆଁ ହୋଇପାରିଥିଲା । 'ସ୍ୱପ୍ନର ସଙ୍କେତ' ଓ 'ଗଛ ବି କରିବ ଭାଗ୍ୟ ପରିବର୍ତ୍ତନ' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା ।
*-ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ*

✼ ଭାରତୀୟ ସଂସ୍କୃତିରେ ଶଙ୍ଖର ମାହାତ୍ମ୍ୟ ସ୍ୱତନ୍ତ୍ର । ଏହା ଏକ ଶୁଭ ଓ ପବିତ୍ର ବସ୍ତୁ ; ଯାହା ଶତ୍ରୁ ପରାସ୍ତକାରୀ, ପାପନାଶନକାରୀ, ରୋଗ ଓ ଦାରିଦ୍ର୍ୟ ଦୂରକାରୀ ବୋଲି କେତେକ ଗ୍ରନ୍ଥ ଓ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି । ସେଥିପାଇଁ ହିନ୍ଦୁ ପରମ୍ପରାରେ ଏହାକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି ଆଉ ଏହାକୁ ନେଇ ପ୍ରସ୍ତୁତ ହୋଇଥିବା ଛୁଟିଦିନର ବିଶେଷ ଆଲେଖ୍ୟଟି ବେଶ୍ ତଥ୍ୟପୂର୍ଣ୍ଣ ହେବା ସହ ଶିକ୍ଷଣୀୟ ହୋଇପାରିଛି । ସେଲିବ୍ରିଟି ସିକ୍ରେଟ୍‌ରୁ ବୁଲ୍‌ବୁଲି ନାୟିକା ଭୂମିକା ଦାଶଙ୍କ ବ୍ୟକ୍ତିଗତ ଜୀବନି ବିଷୟରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା ।
*-ହିମାଂଶୁ ପରିଜା, ସୁନ୍ଦରଗଡ଼*

✼ ବ୍ୟକ୍ତିତ୍ୱ ପୃଷ୍ଠାରୁ ସେବା ଓ ସର୍ଜନର ଜନନୀ: ସରୋଜିନୀ ଷଡ଼ଙ୍ଗୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା । ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ୱପ୍ନ ବେପଥୁ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା । ଅନ୍ୟପକ୍ଷେ 'ଚାଲ୍ ସବୁକିଛି ଭୁଲିଯିବା' ଶୀର୍ଷକ କବିତାଟିକୁ ବି ଭାରୀ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା । ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଲାଗୁଥିଲା । ଖାସ୍ କରି ଏଥିରେ ସ୍ଥାନିତ ସୋନାକ୍ଷୀ ସିହ୍ନାଙ୍କ ଫଟୋ ଅତି ସୁନ୍ଦର ଦେଖାଯାଉଥିଲା । *-ତମନ୍ନା ସ୍ୱାଇଁ, ସାକ୍ଷୀଗୋପାଳ, ପୁରୀ*

✼ କବି, ଗାଳ୍ପିକ ତଥା ପୋଲିସ ଅଧିକାରୀ ଯଶୋବନ୍ତ ସେଠୀଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ମନଛୁଆଁ ହୋଇପାରିଥିଲା । ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା । 'ଆରଡ଼ିରେ ଶିବ ବିବାହ' ନାମକ ଆଲେଖ୍ୟଟିରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ମଡେଲ୍ ମିରର୍‌ରେ ଜ୍ୟୋତିର୍ମୟୀ ବେଶ୍ ସୁନ୍ଦରୀ ଲାଗୁଥିଲେ । *-ସୁନନ୍ଦା ପଟ୍ଟନାୟକ, ରାଣୀହାଟ, କଟକ*

✼ ସହର ପୃଷ୍ଠାରୁ 'ଗ୍ରୀଷ୍ମରେ ଶୈଳନିବାସ ଭ୍ରମଣ' ନାମକ ପାଠଟି ପଢି ବହୁତ ଭଲ ଲାଗିଲା । ବିବିଧା ପୃଷ୍ଠାରେ ସ୍ଥାନିତ 'ପୋଷା କୁକୁରଙ୍କ ପାଇଁ ତିଆରି କଲେ ମହଲ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଏଣ୍ଟ୍ରାନ୍ସ ଦେଲେଣି ୨୪ଥର', 'ମରୁଭୂମିରେ ପୋଷ୍ଟ ଅଫିସ୍', '୧୯ ବର୍ଷରେ ଲାଗନ୍ତି କୁନି ପିଲା' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ଲାଗୁଥିଲା । *-ମୀନାରାଣୀ ପଣ୍ଡା, ଭୁବନେଶ୍ୱର*

## ବିଶେଷ ଚିଠି



ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଶଙ୍ଖ'
ଥିଲା ଏକ ନିଆରା ଆଲେଖ୍ୟ ।
ସେଥିପାଇଁ ହେ ଛୁଟିଦିନ
ତୁମକୁ ଶତ ଶତ ପ୍ରଣାମ ।
ଷୋହଳ ପୃଷ୍ଠାରେ ଆସିଥାଅ
ସଭିଙ୍କ ମନ କିଣିନିଅ ।
ରବିବାରେ ହୁଏ ତୁମ ଆଗମନ
କାସ୍ ତୁମେ ଆସୁଥାନ୍ତ କି ନୀତିଦିନ ।
**-ମନସ୍ୱିନୀ ପ୍ରଧାନ, ବାଙ୍କୀ, କଟକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସଜବାଜ

**ସେ କବିର ମାନସପଟରେ ହେଉ ଅବା ଚିତ୍ରକରଙ୍କ କାନ୍‌ଭାସ୍, ସବୁଠି ନାରୀର ସୌନ୍ଦର୍ଯ୍ୟ ଓ ରୂପଲାବଣ୍ୟର କଥା ହିଁ ସ୍ଥାନ ପାଇଛି । ତା'ସହ ତା'ର ସଜେଇ ହେବାର କଳା ତା' ରୂପକୁ କରିଥାଏ ଆହୁରି ଲାବଣ୍ୟମୟୀ । ସେଇଥିପାଇଁ ତ ଯୁଗ ପରେ ଯୁଗ ବିତି ଯାଇଥିଲେ ହେଁ ନାରୀ ସହ ତା' ସଜବାଜର ସମ୍ପର୍କ ସେହିଭଳି ଅତୁଟ ରହିଛି। ଯଦିଓ ସମୟସହିତ ତାଳ ଦେଇ ଏଥିରେ ଆସିଛି କିଛିଟା ପରିବର୍ତ୍ତନ...**



ସଜେଇ ହେବା ନାରୀର ସ୍ୱଭାବ । ସେମିତି ସ୍ୱଭାବତଃ ସେ ଆଭୁଷଣ ପ୍ରିୟ। ପଦାଙ୍ଗୁଳିଠାରୁ ଆରମ୍ଭକରି କେଶର ଶେଷଶିଖା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆଭୂଷଣ ପରିଧାନ କରି ସେ ସଜେଇ ହୁଏ। ତେଣିକି ସେ ବନବାସିନୀ ହୁଅନ୍ତୁ ବା ରାଜାରାଣୀ। ବନବାସିନୀ ଶକୁନ୍ତଳା କେବଳ ସୁଗନ୍ଧିତ, ସୁନ୍ଦର ପତ୍ର, ପୁଷ୍ପରେ ସଜେଇ ହେବାବେଳେ ଶ୍ରୀକୃଷ୍ଣଙ୍କ ପାଇଁ ରାଧାରାଣୀ ପାଦରେ ପୟର, ମଥାରେ ମଥାମଣି ଓ ଷୋଳ ଶୃଙ୍ଗାର କରୁଥିବା ବର୍ଣ୍ଣିତ। ଯୁଗ ପରେ ଯୁଗ ବିତି ଚାଲିଛି, ଆଉ ସବୁ ସମୟରେ ନାରୀର ସଜେଇ ହେବା ଗୁଣ କିନ୍ତୁ ଜନ୍ମଜାତ ହୋଇ ରହିଛି।

**ଭଞ୍ଜ କାବ୍ୟରେ ନାରୀ ଶୃଙ୍ଗାର:** ନାରୀର ସୌନ୍ଦର୍ଯ୍ୟ ଓ ଶୃଙ୍ଗାରର କଥାକୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ କାବ୍ୟଗୁଡ଼ିକରେ ଖୁବ୍ ସୁନ୍ଦରଭାବେ ବର୍ଣ୍ଣନା କରିଛନ୍ତି। ସେ ନାରୀକୁ ରୂପସୀ–ତନ୍ୱୀ–ଷୋଡ଼ଶୀ ନାୟିକା ଭାବେ ବର୍ଣ୍ଣନା କରିବା ସହ ନାରୀ ଶରୀରକୁ ବିଭିନ୍ନ ଆଭୂଷଣରେ ମଣ୍ଡନ କରି ତାକୁ ଅନିନ୍ଦ୍ୟ ରୂପ ଲାବଣ୍ୟମୟୀ ମୂର୍ତ୍ତିମନ୍ତ କାନ୍ତ ହେମ ମନ୍ତ୍ର ପିତୁଳା ରୂପେ ପ୍ରତିପାଦନ କରିଛନ୍ତି। ସେ ନିଜ କାବ୍ୟଗୁଡିରେ ନାୟିକାର କେଶଠାରୁ ପାଦ ପର୍ଯ୍ୟନ୍ତ ବିଭିନ୍ନ ଅଳଙ୍କାରଦ୍ୱାରା ଭୂଷିତ କରିଛନ୍ତି। ସେ ସମ୍ପର୍କରେ **ଡ. ସୁରେନ୍ଦ୍ରନାଥ ଦାସ** କୁହନ୍ତି, 'ଉପେନ୍ଦ୍ର ଭଞ୍ଜ ନିଜ କାବ୍ୟ ନାୟିକାଙ୍କୁ କେଶରେ କେଶ ଅଳଙ୍କାର ରୂପେ ମାଳି, ମୁକୁତାଳି, ବିଭିନ୍ନ ପ୍ରକାର ଝୁମ୍ପି, ମୁକ୍ତାଝରା, ଦୂବ, କିଆପତ୍ରୀ, ଚଉଁରୀ ଭୁଣ୍ଡି ଆଦି ଅଳଙ୍କାର ଦ୍ୱାରା ଭୂଷିତ କରୁଥିବାବେଳେ ମଥାରେ ମଥାଳଙ୍କାର ରୂପେ ମଥାମଣି, ଆମ୍ଭକଷି, ଅଳକା ଆଦି ଭୂଷିତ କରିଛନ୍ତି। ସେହିଭଳି କର୍ଣ୍ଣରେ କର୍ଣ୍ଣାଳଙ୍କାର ରୂପେ ତାଟଙ୍କ, ଝଲକା, ବନ୍ଦି, କାପ, ବିଭିନ୍ନ ପ୍ରକାରର କୁଣ୍ଡଳ, ଅବତଂସ, ବିଭିନ୍ନ ପ୍ରକାର ଫାଶିଆ। ନାସାରେ ନାସାଳଙ୍କାର ରୂପେ ନୋଥ, ବିଭିନ୍ନ ପ୍ରକାରର ଗୁଣା, ତିଳଫୁଲ, ବସୁଣି, ଦଣ୍ଡି, ନାକଚଣା, ଥୋପି, ନାସାମୋତି। କଣ୍ଠରେ କଣ୍ଠାଳାଙ୍କାର ରୂପେ ଚାପସରି, ବିଭିନ୍ନ ପ୍ରକାର ମାଳି ମଧ୍ୟରେ ସୁନାକଣ୍ଠି ମାଳି, କାଚାମାଳି, ମୁକୁତାମାଳି, ପ୍ରବାଳମାଳି। ବାହୁରେ ବାହୁ ଅଳଙ୍କାର ରୂପେ ତାଡ, ବିଦମାଳି, ବାହୁଟି, ବାଜୁବନ୍ଧ, କଟଟି, ପାଟବ୍ରତ। ହସ୍ତାଳଙ୍କାର ରୂପେ ହାତରେ ଚୁଡି, କଙ୍କଣ, ପାଣିକାଚ, ଖଡୁ, ବିଭିନ୍ନ ପ୍ରକାରର ମୁଦି। କଟିରେ କିଙ୍କିଣି, ଘଣ୍ଟିକା, ଓଡ଼ିଆଣୀ, କାଞ୍ଚି(ଅଣ୍ଟାସୂତା)। ପାଦରେ ପାଦଳଙ୍କାର ଭାବେ ନୂପୁର, ପାଦବଳା, ଝୁଣ୍ଟିଆ, ହଂସକ, ବଳା, ଗୋଡମୁଦି, ବାଜେଣି, ତୁଳାକୋଟି, ପାହୁଡ, ଧଣ୍ଡଶିକଳା(ଗୋଡ଼ ଶିକୁଳି) ଆଦିକୁ ପରିଧାନ କରାଇଛନ୍ତି।

ଏତଦ୍‌ବ୍ୟତୀତ ପରିଧାନ ରୂପେ ଶାଢ଼ି, କାଞ୍ଚୁଲା, ଅନ୍ତର୍ବାସ, ଓଢ଼ଣି, ଉତ୍ତରାଣ, ଜରିପାଛୁଡା, ପଣତ, ପତନିଫେଟା, ରଙ୍ଗପାଟ ଖଣ୍ଡୁଆ

→









ଆଦିରେ ବର୍ଣ୍ଣନା କରିବାବେଳେ ପ୍ରସାଧନ ସାମଗ୍ରୀ ମଧ୍ୟରେ ବିଭିନ୍ନ ପ୍ରକାରର ସୁଗନ୍ଧ ପୁଷ୍ପ ଦ୍ୱାରା ଜୁଡା ବନ୍ଧା (ଜୁଡ଼ାବନ୍ଧା ମଧ୍ୟରେ ବେଣୀ, ଖୋଷା, ଲୋଟଣି ଜୁଡା, ସିଂହାଣି ଜୁଡା, କିଆପତ୍ରୀ ଜୁଡା ଆଦି), କସ୍ତୁରୀ, ଯବାମଧୁ, ଅତର, ଅଗୁରୁ, ହଳଦୀ, ଚନ୍ଦନ, କୁଙ୍କୁମ, କର୍ପୂର, ଅଞ୍ଜନ, ଅଳତା, ସିନ୍ଦୂର, କଜ୍ଜ୍ୱଳ । ଆଉ ପାଦରେ ଚିତାକୁଟିବା ଆଦିରେ ସେ ନିଜ କାବ୍ୟ ନାୟିକାଙ୍କୁ ଲାସ୍ୟମୟୀଭାବେ ସଜାଇଛନ୍ତି ।’

## ପ୍ରଭୁଙ୍କ ପାଇଁ ଶୃଙ୍ଗାର

ଖାଲି ମନର ମଣିଷ ନୁହେଁ ଦେବଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମଧ୍ୟ ବହୁ ପୁରାତନ କାଳରୁ ଭାରତର ବିଭିନ୍ନ ମନ୍ଦିରରେ ନୃତ୍ୟାଙ୍ଗନାମାନେ ନାନା ପ୍ରକାରର ଶୃଙ୍ଗାର କରି ପାରମ୍ପରିକ ନୃତ୍ୟ ପରିବେଷଣ କରିବା ପ୍ରଥା ରହିଆସିଛି । ଯେଉଁମାନେ କି ଦେବଦାସୀଭାବେ ପରିଚିତ । ସେମାନେ ସମର୍ପଣ ଭାବର ସହ ଈଶ୍ୱରଙ୍କ ମନ ମୋହିବା ପରି ଶୃଙ୍ଗାର କରି ନୃତ୍ୟ ପରିବେଷଣ କରିଥାନ୍ତି ।


**ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ଶୃଙ୍ଗାର:** ମାହାରୀ ଅର୍ଥାତ୍ ମହାନ୍ ନାରୀ । ସେମାନେ ମହାନ୍ କାରଣ ଜଗତର ନାଥ ଜଗନ୍ନାଥଙ୍କ ପତ୍ନୀ ହେବାର ସୌଭାଗ୍ୟ ସେମାନେ ପାଇଥାନ୍ତି । ଆଉ ନିଜ ସ୍ୱାମୀ ତଥା ମହାପ୍ରଭୁଙ୍କୁ ପ୍ରସନ୍ନ କରିବା ଲାଗି ନାନା ପ୍ରକାରର ଶୃଙ୍ଗାର କରି ନୃତ୍ୟ, ସଙ୍ଗୀତ ପରିବେଷଣ କରିଥାନ୍ତି । ଏବେ ଏହି ମାହାରୀ ପରମ୍ପରା ଆଉ ନାହିଁ । ହେଲେ କେତେଜଣ ମାହାରୀ ଏବେବି ଅଛନ୍ତି । ଆଉ ଏହି ପ୍ରଥାର ପ୍ରଚାର ପ୍ରସାରରେ ଲାଗିଛନ୍ତି । ସେମାନଙ୍କ ମଧ୍ୟରେ ମାହାରୀ ନୃତ୍ୟଶିଳ୍ପୀ **ରୂପଶ୍ରୀ ମହାପାତ୍ର** ଅନ୍ୟତମ । ସେ କୁହନ୍ତି, ‘୫ ବର୍ଷ ବୟସ ବେଳେ ଗୁରୁ ପଦ୍ମଶ୍ରୀ ପଙ୍କଜ ଚରଣ ଦାସ ଓ ମୋର ଚାରିଜଣ ଦେବଦାସୀ ମା’ ହରପ୍ରିୟା ଦେବଦାସୀ, ଶଶିମଣି ଦେବୀ ଦେବଦାସୀ, ପରୁସୁମଣି ଦେବଦାସୀ, କୋକିଳପ୍ରଭା ଦେବଦାସୀଙ୍କଠାରୁ ମୁଁ ନୃତ୍ୟ ଶିଖିବାର ସୁଯୋଗ ପାଇଥିଲି । ସେମାନେ ମୋତେ ନିଜ ଝିଅ ପରି ପାଳିଥିଲେ । ଆଉ ସେଇମାନେ ହିଁ ମୋତେ ମାହାରୀର ମାନ୍ୟତା ଦେଇଥିଲେ । ମୁଁ ମୋ ଦେବଦାସୀ ମା’ଙ୍କ ସହ ମିଶି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ବି ପାଇଥିଲି । ସ୍ୱାମୀଙ୍କ ପାଇଁ ସ୍ତ୍ରୀ ଯେଉଁଭଳି ଭାବେ ଶୃଙ୍ଗାର କରନ୍ତି ମହାପ୍ରଭୁଙ୍କ ପାଇଁ ମାହାରୀମାନେ ସେଇଭଳି ଶୃଙ୍ଗାର ହୁଅନ୍ତି । ଆଉ ଭକ୍ତି ଓ ସମର୍ପଣ ଭାବର ସହ ନୃତ୍ୟ ପରିବେଷଣ କରନ୍ତି । ମହାପ୍ରଭୁ ଆମ ସ୍ୱାମୀ ହୋଇଥିବାରୁ ତାଙ୍କ ସହ ମେଳ ଖାଉଥିବା ପରି ଅର୍ଥାତ୍ ତାଙ୍କ ପୀତବସନ ପରି ଲାଲ ଧଡିଥିବା ହଳଦିଆ ପାଟବସ୍ତ୍ର ପିନ୍ଧୁ । ତା’ସହ ଲାଲରଙ୍ଗର କାଞ୍ଚଲା(ଲମ୍ବା ବ୍ଲାଉଜ) ପିନ୍ଧୁ । ଆଉ ମୁଣ୍ଡ ଉପରେ ଗୀତଗୋବିନ୍ଦ ଖଣ୍ଡୁଆ ପକାଉ । କେଶ ସଜ୍ଜାରେ ଆମେ ରିଙ୍ଗ ଖୋଷା, ଚଉଁ ଖୋଷା, ଓଲଟା ଖୋଷା ଭଳି ତିନି ପ୍ରକାରର ଖୋଷା କରିଥାଉ । ମୁଣ୍ଡରେ ସୁନା ଜାଲି, ସୁନା ଫୁଲ ଝରା, ସିନ୍ଥି (ଅଳକା), ଦୁଇପାର୍ଶ୍ୱରେ ଚନ୍ଦ୍ର ସୂର୍ଯ୍ୟ ଲଗାଉ । ନାକରେ ନୋଥ, ଗୁଣା, ଦଣ୍ଡି ଓ କାନରେ ପେଣ୍ଡି ଫୁଲ ବା ଚାପସରି ଲଗାଉ । ସେହିଭଳି ବେକରେ ଚାପସରି, ବେଲପତ୍ରୀ ହାର, ହରଡ଼ଖଣ୍ଡା ହାର, ଖାସୁ ମାଳ, ପଦ୍ମଫୁଲ ହାର ଆଦି ପିନ୍ଧିଥାଉ । ହାତରେ ଚୁଡି, ବାହୁଟି, ମଗରମୁଣ୍ଡ ଖଡୁ, ବଟଖୋଳ, ସୁନାର ଖୋଳ ଲଗାଇବାବେଳେ ବାହୁରେ ବାହୁଟି, ଫୁଲ ଥୋପା, କାଠି ଡେଉଁରିଆ, ମହମ ଖାଳ, ଧାନ କେଣ୍ଡା, ହାତ ପଦ୍ମ ଆଦି ପିନ୍ଧୁ । ତା’ସହ ନାନା ପ୍ରକାରର ମୁଦି ବି ପିନ୍ଧୁ । ଗୋଡ଼ରେ ଗୋଡଖଡୁ, ପାହୁଲ, ବାଙ୍କି, ପାଜାମା, ପାପଡ଼ୁ, ଝୁଟୁଲି(ମୁଦି) ଓ ଅଣ୍ଟାରେ ବେଙ୍ଗ ପଟିଆ, ଅଣ୍ଟା ତଳକୁ ଚନ୍ଦ୍ର ହାର ପିନ୍ଧୁ । ତା’ସହ ଧଳାରଙ୍ଗର ବାସ୍ନା ଫୁଲ ମଧ୍ୟ ଲଗାଉ । ମେକ୍ଅପ୍ ଭାବେ ମୁହଁରେ ଅଗୁରୁ, ଚନ୍ଦନ, କସ୍ତୁରୀ, କର୍ପୂର ମିଶାଇ ଏକ ପ୍ରଲେପ ପ୍ରସ୍ତୁତ କରି ଲେପନ କରୁ । ତେବେ ଆଜିକାଲି ମୁହଁରେ କିଛିଟା ମେକ୍ଅପ୍ ନିଆଯାଉଛି । ଆଗରୁ ପାନ ଖାଇ କିମ୍ବା ଲାଲ କାଗଜରେ ଓଠ ଲାଲ କରାଯାଉଥିଲା । ହେଲେ ଏବେ ଲିପଷ୍ଟିକ ବ୍ୟବହାର କରାଯାଉଛି । ମୁଁ ଘରେ ଗୁଆଘିଅ ମିଶାଇ କଜଳ ତିଆରି କରି ଲଗାଏ । ନାକରେ ରାମାନନ୍ଦୀ ତିଳକ ବି ଲଗାଉଛୁ । ଜଗନ୍ନାଥ ସଂସ୍କୃତି ଆରମ୍ଭରୁ ହିଁ ମାହାରୀଙ୍କ ବେଶ ପରିପାଟି ଏଭଳି ରହି ଆସିଛି । ଏବେ ଶ୍ରୀମନ୍ଦିର ଭିତରେ ମାହାରୀ ନୃତ୍ୟ ହେଉ ନାହିଁ । କେବଳ ବିଭିନ୍ନ ଉତ୍ସବରେ ବାହାରେ ନୃତ୍ୟ ସେବା କରୁଛୁ । ହେଲେ ଜୀବନର ଏକ ଇଚ୍ଛା ଅଛି ମୃତ୍ୟୁ ପୂର୍ବରୁ ଥରେ ଭଲରେ ସଜେଇ ହୋଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିବି ।



ରୂପଶ୍ରୀ ମହାପାତ୍ର

## ଷୋଳ ଶୃଙ୍ଗାର

ଶୃଙ୍ଗାର ମଧ୍ୟରେ ଷୋଳ ଶୃଙ୍ଗାରର ମହତ୍ତ୍ୱ ନାରୀ ପାଇଁ ବହୁତ ରହିଛି । କୁହାଯାଏ ଷୋଳ ଶୃଙ୍ଗାରର କଥା କାମଦେବଙ୍କ ପତ୍ନୀ ରତିଙ୍କଠାରୁ ଆରମ୍ଭ ହୋଇଛି । ପୁରାଣ କଥା ଅନୁସାରେ ଦେବୀ ରତି ଏତେଟା ସୁନ୍ଦରୀ ନ ଥିଲେ । ତେଣୁ ପୁରୁଷମାନେ ତାଙ୍କୁ ଦେଖି ଆକର୍ଷିତ ହେଉ ନ ଥିଲେ । ଏଥିରେ ରତିଙ୍କ ମନ ବ୍ୟଥିତ ହେଉଥିଲା ।



ଆଉ ସେ ମା’ ଲକ୍ଷ୍ମୀଙ୍କ ଆରାଧନା ଆରମ୍ଭ କରିଥିଲେ । ମା’ ଲକ୍ଷ୍ମୀ ରତିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ୧୬ଟି ଶୃଙ୍ଗାର ପ୍ରଦାନ କରିଥିଲେ । ଆଉ କହିଥିଲେ, ଯଦି କୌଣସି ମହିଳା ଷୋଳ ଶୃଙ୍ଗାର କରନ୍ତି, ତେବେ ତାଙ୍କ ପ୍ରତି ତାଙ୍କ ମନର ମଣିଷ ନିଶ୍ଚିତଭାବେ ଆକର୍ଷିତ ହେବେ । ପରେ ଷୋଳ ଶୃଙ୍ଗାର କରି ରତି ସାରା ବିଶ୍ୱ ବ୍ରହ୍ମାଣ୍ଡର ସବୁଠାରୁ ସୁନ୍ଦର ପୁରୁଷ କାମଦେବଙ୍କ ମନ ଜିଣି ତାଙ୍କ ପତ୍ନୀ ହୋଇପାରିଥିଲେ ।

ଏହା ବାଦ୍ ଏହାବି କୁହାଯାଏ ରାଧାରାଣୀ ଶ୍ରୀକୃଷ୍ଣଙ୍କ ଧ୍ୟାନ ଆକର୍ଷଣ କରିବା ତଥା ତାଙ୍କ ପ୍ରେମ ପାଇବା ଲାଗି ବେଶ୍ ସୁନ୍ଦରଭାବେ ଷୋଳ ଶୃଙ୍ଗାରରେ କରୁଥିଲେ । ପରେ ବିବାହିତା ନାରୀ ସ୍ୱାମୀଙ୍କୁ ଖୁସି କରିବା ସହ ତାଙ୍କ ପ୍ରେମ ପାଇବା ଲାଗି ଷୋଳ ଶୃଙ୍ଗାର କରିବାକୁ ଲାଗିଲେ ।

**ବିବାହରେ ଷୋଳ ଶୃଙ୍ଗାର:** ହିନ୍ଦୁ ବିବାହରେ ଷୋଳ ଶୃଙ୍ଗାରର ମହତ୍ତ୍ୱ ବହୁତ ରହିଛି । ତେବେ ଭିନ୍ନ ଭିନ୍ନ ପୁରାତନ ଗ୍ରନ୍ଥରେ ଷୋଳ ଶୃଙ୍ଗାରର ତାଲିକା ଭିନ୍ନ ଭିନ୍ନ ରହିଛି । ତେବେ ସାଧାରଣରେ ଷୋଳ ଶୃଙ୍ଗାର ଭାବେ ନିମ୍ନୋକ୍ତ ସାମଗ୍ରୀକୁ ବୁଝାଇଥାଏ । ଏହି ଷୋଳ ଶୃଙ୍ଗାରର ଆଧ୍ୟାତ୍ମିକ ଓ ସାମାଜିକ ମହତ୍ତ୍ୱ ତ ଅଛି ତା’ସହ ଅନେକ ବୈଜ୍ଞାନିକ କାରଣ ମଧ୍ୟ ରହିଛି ।

**ବିନ୍ଦି:** ଦୁଇ ଭ୍ରୂଲତାର ମଧ୍ୟଭାଗରେ କପାଳରେ ଧାରଣ କରାଯାଏ ବିନ୍ଦି । ଏ ହେଉଛି ସେହି ସ୍ଥାନ ଯେଉଁଠି ମଣିଷ ଶରୀରର ସବୁଠାରୁ ଶକ୍ତିଶାଳୀ ଚକ୍ର ‘ଆଜ୍ଞା ଚକ୍ର’ ବା ‘ଲୁକ୍କାୟିତ ଜ୍ଞାନ’ର କେନ୍ଦ୍ର ରହିଥାଏ । ଆଉ ବିନ୍ଦି ଲଗାଇବାଦ୍ୱାରା ସେହି ଶକ୍ତି ନିର୍ଗତ ନ ହୋଇ ବଜାୟ ରହେ ଓ ଏକାଗ୍ରତା ବଢ଼ିଥାଏ । ବିନ୍ଦିକୁ ତୃତୀୟ ନୟନ ସହ ମଧ୍ୟ ତୁଳନା କରାଯାଏ । ହିନ୍ଦୁଧର୍ମରେ ଲାଲ ବିନ୍ଦିକୁ ସମ୍ମାନ, ଭଲ ପାଇବା ଓ ସମୃଦ୍ଧିର ପ୍ରତୀକଭାବେ ଗ୍ରହଣ କରାଯାଏ ।

**ନୋଥ:** ବାମ ନାକରେ ଥିବା ଶୀରା ମହିଳାଙ୍କ ପ୍ରଜନନ ଅଙ୍ଗ ସହ ଯୋଡି ହୋଇଥାଏ । ତେଣୁ ସେଠାରେ କଣା କରି ନୋଥ ଲଗାଇଲେ ପ୍ରସବ ପୀଡ଼ା ସହ ଋତୁସ୍ରାବ ସମୟର ପୀଡ଼ା କମ୍ ହୁଏ ବୋଲି ବିଶ୍ୱାସ କରାଯାଏ । ଏହା ମସ୍ତିଷ୍କର ତରଙ୍ଗକୁ ବି ନିୟନ୍ତ୍ରଣ କରିଥାଏ । ତେଣୁ ସମ୍ମୋହନ ହେବାଠାରୁ ମଧ୍ୟ ରକ୍ଷାକରେ ।

**ଚୁଡ଼ି:** ଗବେଷଣା କହେ କଚଟି ସହ ଚୁଡ଼ିର ଘର୍ଷଣ ଫଳରେ ଶରୀରରେ ରକ୍ତପ୍ରବାହ ବୃଦ୍ଧି ଘଟିଥାଏ । ତା’ସହ ଗର୍ଭବତୀ ମହିଳାଙ୍କ ଚାପ ଓ ଅବସାଦ କମିଥାଏ । ଆଉ ଏହାର ଝନ୍ ଝନ୍ ଶବ୍ଦ ଶୁଣି ଗର୍ଭସ୍ଥ ସନ୍ତାନର ଶ୍ରବଣ ଶକ୍ତି ବଢ଼ିଥାଏ । ଏହାର ଗୋଲ ଆକାର ଶରୀରରୁ ଉର୍ଜା ବାହାରକୁ ନିର୍ଗତ କରିବାକୁ ନ ଦେଇ ପୁନଃ ଶରୀରକୁ

→









ଫେରାଇ ଦେଇଥାଏ।

**ଝୁଣ୍ଟିଆ:** ଏହା ନାରୀଙ୍କ ଋତୁସ୍ରାବ ଚକ୍ରକୁ ନିୟମିତ କରିଥାଏ ବୋଲି ବିଶ୍ୱାସ ରହିଛି। ତା'ଛଡା ଝୁଣ୍ଟିଆ ପିନ୍ଧା ଯାଉଥିବା ପଦାଙ୍ଗୁଳିର ଶୀରା ୟୁଟ୍ରସ୍ ସହ ଯୋଡି ହୋଇ ରହୁଥିବା ଯୋଗୁ ଝୁଣ୍ଟିଆ ପିନ୍ଧିଲେ ପ୍ରଜନନ ଅଙ୍ଗ ସକ୍ରିୟ ହୋଇଥାଏ। ଆଉ ଗର୍ଭଧାରଣ କରିବାର ସମ୍ଭାବନା ବଢ଼ିଥାଏ।

**ମୁଦି:** ସାଧାରଣତଃ ଅନାମିକା ଅଙ୍ଗୁଳିରେ ନିର୍ବନ୍ଧ ମୁଦି ପିନ୍ଧାଯାଏ। ଏହା ପଛରେ ବି ବୈଜ୍ଞାନିକ କାରଣ ରହିଛି। ସେ ହେଉଛି ହୃତ୍ପିଣ୍ଡ ସହ ଅନାମିକା ଅଙ୍ଗୁଳିର ଶୀରାର ସଂଯୋଗ ଥିବାରୁ ମୁଦିର ଧାତୁ ବାରମ୍ବାର ଘର୍ଷଣ ହେଲେ ମନରେ ପ୍ରେମଭାବ ଜାଗ୍ରତ ହୁଏ ଓ ପତି ପତ୍ନୀଙ୍କ ମଧ୍ୟରେ ପ୍ରେମ ବଜାୟ ରହେ।

**ମଙ୍ଗଳସୂତ୍ର:** ବିବାହିତା ନାରୀର ଏହା ହେଉଛି ପରିଚୟ। ମନ୍ତ୍ର ଉଚ୍ଚାରଣ ସହ ପିନ୍ଧା ଯାଉଥିବା ଏହି ମଙ୍ଗଳ ସୂତ୍ରକୁ ପିନ୍ଧିଲେ ରକ୍ତଚାପ ନିୟନ୍ତ୍ରଣରେ ରହେ ଓ ରକ୍ତ ପ୍ରବାହ ବି ନିୟନ୍ତ୍ରଣ ହୁଏ ବୋଲି କିଛି ଗବେଷଣା କହେ।

**କଜଳ:** କଜଳ କେବଳ ଆଖିର ସୌନ୍ଦର୍ଯ୍ୟକୁ ବଢାଇ ନ ଥାଏ ଏହା ଆଖିକୁ ପ୍ରଖର ସୂର୍ଯ୍ୟ କିରଣ ଓ ଧୂଳିରୁ ରକ୍ଷା କରେ। ତା'ସହ ଆଖିକୁ ସଫା କରେ, ଥଣ୍ଡା ରଖେ, ଦୃଷ୍ଟି ଶକ୍ତି ମଧ୍ୟ ବଢ଼ାଏ। ଏହାବାଦ୍ ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ଯେ, ଏହା ଖରାପ ନଜରରୁ ବି ରକ୍ଷା କରେ। ତେଣୁ ଶୃଙ୍ଗାରରେ ଏହାର ବହୁତ ମହତ୍ତ୍ୱ ରହିଛି।

**ସିନ୍ଦୂର:** ବିବାହ ସମୟରେ ମନ୍ତ୍ର ଉଚ୍ଚାରଣ ସହ ସ୍ୱାମୀ ସ୍ତ୍ରୀଙ୍କୁ ସିନ୍ଦୂର ପିନ୍ଧାଇଥାନ୍ତି। ବିବାହିତା ମହିଳାଙ୍କର ପରିଚୟ ଏଇ ସିନ୍ଦୂର। ହିନ୍ଦୁ ଧର୍ମରେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀଙ୍କ କପାଳରେ ସିନ୍ଦୂର ଧାରଣ କରନ୍ତି। ତେବେ ବୈଜ୍ଞାନିକ କାରଣ କହେ ସିନ୍ଦୂର ଧାରଣ କଲେ ଏକାଗ୍ରତା ବଢ଼ିଥାଏ ଓ ଆଜ୍ଞା ଚକ୍ର ସକ୍ରିୟ ହୁଏ। ଫଳରେ ସକାରାତ୍ମକ ଉର୍ଜାର ପ୍ରବାହ ହୁଏ ଓ ମସ୍ତିଷ୍କ ଶାନ୍ତ ରହେ।

**ମେହେନ୍ଦି:** ହିନ୍ଦୁ ବିବାହରେ ମେହେନ୍ଦିର ମହତ୍ତ୍ୱ ବହୁତ ରହିଛି। ଏହାକୁ ଲଗାଇବା ଶୁଭ ଭାବେ ବିବେଚନା କରାଯାଏ। କୁହାଯାଏ ମେହେନ୍ଦିର ରଙ୍ଗ ଯେତିକି ଗାଢ଼ ହୁଏ ବୈବାହିକ ଜୀବନ ସେତେ ସୁଖମୟ ହୁଏ ଓ ସ୍ୱାମୀଙ୍କ ଭଲ ପାଇବା ସେତେ ଅଧିକ ହୋଇଥାଏ।

**ଗଜରା:** ଲମ୍ବା ଘନ କେଶରେ ମଲ୍ଲି ଫୁଲର ଗଜରା ଆଗରୁ ମହିଳାମାନଙ୍କ ଶୃଙ୍ଗାରର ଆଉ ଏକ ମୁଖ୍ୟ ସାମଗ୍ରୀ ଥିଲା। ଦୀର୍ଘ ସମୟ ଧରି ମହକ ପ୍ରଦାନ କରୁଥିବା ଏହି ଗଜରା ମହିଳାଙ୍କୁ ଦିନସାରା ସତେଜ ରଖିଥାଏ।

**ମଥାମଣି:** କପାଳପ୍ରଦେଶଠାରୁ ଆରମ୍ଭକରି ମସ୍ତକର ମଧ୍ୟଭାଗ ପର୍ଯ୍ୟନ୍ତ ମଥାମଣି ପରିଧାନ କରାଯାଇଥାଏ। ମୁଖର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଏହା ଶରୀରର ଉତ୍ତାପ ନିର୍ଗତକୁ ନିୟନ୍ତ୍ରଣ କରିଥାଏ ବୋଲି କିଛି ଗବେଷଣା କହେ।

**କାନଫୁଲ:** କାନରେ କଣାକରି କାନଫୁଲ ଲଗାଇବା ଦ୍ୱାରା ଋତୁସ୍ରାବଜନିତ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ତା'ଛଡା ଏଠାରେ ହଙ୍ଗର ପଏଣ୍ଟ ଥିବାରୁ ଏହା କ୍ଷୁଧାକୁ ନିୟନ୍ତ୍ରଣ କରେ।

**ବାଜୁବନ୍ଧ:** ପୂର୍ବେ ଅନେକ ମହିଳା ବାହୁରେ ବାଜୁବନ୍ଧ ପିନ୍ଧୁଥିଲେ। ଏବେ ବି ଦକ୍ଷିଣ ଭାରତ ଓ ରାଜସ୍ଥାନରେ ବିବାହ କରିବାକୁ ଯାଉଥିବା କନିଆ ବାଜୁବନ୍ଧ ପିନ୍ଧୁଛନ୍ତି। ଏହା ନାରୀର ସୌନ୍ଦର୍ଯ୍ୟକୁ ବଢ଼ାଇବା ସହ ଶରୀରର ରକ୍ତ ସଞ୍ଚାରକୁ ନିୟନ୍ତ୍ରଣରେ ରଖେ।

**କମରବନ୍ଧ (କର୍ଧନୀ):** ଏହି ଅଳଙ୍କାରର ମଧ୍ୟ ଅନେକ ଗୁରୁତ୍ୱ ରହିଛି। ଅଣ୍ଟାରେ ବନ୍ଧା ଯାଉଥିବା ଏହି ଅଳଙ୍କାର ଋତୁସ୍ରାବକୁ ନିୟନ୍ତ୍ରଣ କରିବା ସହ ଏଥିପାଇଁ ହେଉଥିବା ପେଟବ୍ୟଥାକୁ କମାଇବାରେ ବି ସାହାଯ୍ୟ କରେ। ରୁପା କମରବନ୍ଧ ପେଟ ଚର୍ବିକୁ ନିୟନ୍ତ୍ରଣରେ ରଖେ ବୋଲି ବିଶ୍ୱାସ କରାଯାଏ।







**ପାଉଁଜି:** ରୁପା ପାଉଁଜି ଶୁଭ ଓ ସମ୍ପନ୍ନତାର ପ୍ରତୀକ ହୋଇଥାଏ। ଏହା ମହିଳାଙ୍କ ଶରୀରର ଉର୍ଜାକୁ ବଜାୟ ରଖେ। ତା'ସହ ଏହାର ଛମ୍ ଛମ୍ ଶବ୍ଦ ନକାରାତ୍ମକ ଉର୍ଜାକୁ ଦୂରେଇଥାଏ। ବୋହୂଙ୍କୁ ଘରର ଲକ୍ଷ୍ମୀ କୁହାଯାଉଥିବାରୁ ତାଙ୍କ ପାଦରେ ପାଉଁଜି ରହିଲେ ଘରେ ସୌଭାଗ୍ୟ ଆସେ ବୋଲି ମଧ୍ୟ ବିଶ୍ୱାସ ରହିଛି।

**ଅତର:** ଏହା ଶରୀରର ଦୁର୍ଗନ୍ଧକୁ ଦୂର କରେ। ଆଉ ତାଜାପଣ ଭରେ।

**ରଜ ସଜବାଜ:** ପ୍ରତି ପର୍ବପର୍ବାଣି ସହ ଭିନ୍ନ ପ୍ରକାରର ଆନନ୍ଦ ଉତ୍ସାହ ଜଡିତ ଥାଏ। ତା'ସହ ସଜେଇ ହେବାର ମନୋଭାବ ବି। ଆଉ ସଜେଇ ହୋଇ ପର୍ବ ପାଳିବାରେ ଥାଏ ଭିନ୍ନ ଆନନ୍ଦ। ଆମ ଓଡ଼ିଆ ପରମ୍ପରାରେ ସଜବାଜର ପର୍ବ କହିଲେ ରଜ ପର୍ବକୁ ବୁଝାଏ। କୁଆଁରୀଠାରୁ ଆରମ୍ଭ କରି ବିବାହିତା ସମସ୍ତେ ଏଇ ପର୍ବରେ ସଜେଇ ହୁଅନ୍ତି। ପହିଲି ରଜ ପୂର୍ବ ଦିନରୁ ହିଁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ରଜରେ ସଜବାଜର ମହତ୍ତ୍ୱ କେତେ ତାହା ରଜ ଗୀତରୁ ହିଁ ଜଣାପଡ଼େ।

'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ ଘେନି ନୂଆ ସଜବାଜ।
ରାଣିରୁ ଛାଡ଼ିଲା ଚୋପା, ଗୋଡ଼ରେ ନାଇଛୁ ସରୁ ଅଳତା
ସରୁ ଅଳତା ଲୋ ମଥାରେ ସିନ୍ଦୂର ଟୋପା।'

ଆଗରୁ ରଜରେ ଝିଅମାନେ ଇଠା ଫଳରେ କେଶ ସଫା କରି ହଳଦୀ ଲଗାଇ ସ୍ନାନ କରି ନୂଆ ପୋଷାକ ପିନ୍ଧି ମୁଣ୍ଡରେ ଚନ୍ଦନ ଟୋପା କୁମ୍‌କୁମ୍, ନଖରେ ନେଲ୍‌ପଲିସ, ପାଦରେ ଅଳତା ଲଗାଇ ସଜବାଜ ହେଉଥିଲେ। ଖାଲି କୁଆଁରୀ ଝିଅ ନୁହେଁ ବିବାହିତା ନାରୀ ମଧ୍ୟ ସଜବାଜ ହୋଇ ନୂଆ ଶାଢ଼ି ଓ ଗହଣା ଲଗାଇ ସଜବାଜ ହେଉଥିଲେ। ଆଉ ଭୂମି ମା'କୁ ସମ୍ମାନ ଦେଇ ଖାଲି ପାଦରେ ନ ଚାଲି କଦଳୀ ପଟୁକା ପିନ୍ଧି ଚାଲୁଥିଲେ। ତା'ସହ ସୁସଜ୍ଜିତ ରଜ ଦୋଳିରେ ଝୁଲି ଝୁଲି ରଜ ଗୀତ ଗାଉଥିଲେ। ଏବେ ରଜର ଅନେକ ପ୍ରଥା ଲୋପ ପାଇବାକୁ ବସିଲାଣି। କିନ୍ତୁ ସଜବାଜର ପ୍ରଥା ଏବେବି ରହିଛି। ଝିଅ ବୋହୂ ଏବେ ବି ସଜେଇ ହେଉଛନ୍ତି। ଯଦିଓ ଏଥିରେ ଆଧୁନିକତାର ଛାପ ରହୁଛି।

**ଆଧୁନିକ ସଜବାଜ:** ସମୟ ବଦଳିବା ସହିତ ଶୃଙ୍ଗାରର ଧାରା ବଦଳିଛି। ଆଜିକାଲି ପାରମ୍ପରିକ ସୁନା, ରୁପା ଆଭୂଷଣ ଛଡା ଭିନ୍ନ ଭିନ୍ନ ଧାତୁରେ ତିଆରି ଅନେକ ପ୍ରକାରର ଅଳଙ୍କାର ପିନ୍ଧାଯାଉଛି। ପ୍ରାକୃତିକ ପ୍ରସାଧନ ସାମଗ୍ରିକ ବଦଳରେ ବିଭିନ୍ନ ପ୍ରକାରର ରାସାୟନିକ ପଦାର୍ଥ ମିଶ୍ରିତ ପ୍ରସାଧନ ସାମଗ୍ରୀ ବ୍ୟବହାର କରାଯାଉଛି। ପୋଷାକ ପରିପାଟିରେ ବି ଆସିଛି ଅନେକ ପରିବର୍ତ୍ତନ। ସବୁଥିରେ ପରିବର୍ତ୍ତନ ଆସିଛି ସତ, ହେଲେ ନାରୀର ଶୃଙ୍ଗାର ମନସ୍କତାରେ ଆସିନି ପରିବର୍ତ୍ତନ। ସେ ସେବେବି ନିଜ ରୂପ ଲାବଣ୍ୟକୁ ଅଧିକ ମାଧୁର୍ଯ୍ୟମୟ କରିବା ଲାଗି ସଜେଇ ହେଉଥିଲା। ଆଉ ଆଜିବି ସଜେଇ ହେଉଛି।

–ଶିବାନୀ ମହାନ୍ତି






# ସୁବିଦ୍ୟାଙ୍କ ସାହିତ୍ୟ ପୃଥିବୀ

"ବୋଉ ପଢୁଥିବା ମୋଟା ମୋଟା ଓଡ଼ିଆ, ବଙ୍ଗଳା ବହି ଦେଖି ମୁଁ ସ୍ୱପ୍ନ ଦେଖୁଥିଲି ବଡ଼ହୋଇ ସେହିପରି ବହି ଲେଖିବି। କିନ୍ତୁ ଜୀବନର ଏକ ବଡ଼ ଅବସୋସ ରହିଗଲା ଯେ, ମୋ ପ୍ରକାଶିତ ପୁସ୍ତକରୁ ଖଣ୍ଡିଏ ବି ସେମାନେ ଦେଖିପାରିଲେନି ..."



ଖୁବ୍ କମ୍ ବୟସରୁ କଲମର ଯାତ୍ରା ଆରମ୍ଭ କରିଥିବା ସାରସ୍ୱତ ସାଧିକା ଜଣଙ୍କ ଆଜି ଜୀବନର ସାୟାହ୍ନରେ ଉପନୀତ ହୋଇ ମଧ୍ୟ ସୃଜନ କର୍ମରେ କାର୍ଯ୍ୟରତ। ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ସେ ଭେଟି ଦେଇଛନ୍ତି ଓଡ଼ିଆ ସାହିତ୍ୟ ଜଗତକୁ ତିନୋଟି ଗଳ୍ପ ସଂକଳନ(ନିଃଶବ୍ଦ ସମ୍ପର୍କ, କିଛି ତୃଷ୍ଣା କିଛି ଜଳ, ବିଶ୍ୱାମିତ୍ରର ହସ), ( କବିତା ସଂକଳନ ସୃଜନ ରାଗ), ଦୁଇଟି ଅନୁବାଦ ଉପନ୍ୟାସ (ବିମଳ ମିତ୍ରଙ୍କର ପର ସ୍ତ୍ରୀ ଓ ଆଶାପୂର୍ଣ୍ଣା ଦେବୀଙ୍କର ବିଳମ୍ବିତ)ସହିତ ସ୍ୱରଚିତ ଉପନ୍ୟାସ( ମଝି ରାସ୍ତାର ମଣିଷ), (ଅଧା ଲେଖା ଡାଏରୀ) ଯାହା ପାଠକାଦୃତ ହେବା ସହ ତାଙ୍କୁ ଦେଇଛି ଏକ ଭିନ୍ନ ପରିଚୟ। ସେ ହେଲେ କବୟିତ୍ରୀ, ଗାଳ୍ପିକା, ଔପନାସିକା ସୁବିଦ୍ୟା ଦେବୀ। ୧୯୪୪ ମସିହା ବାଲେଶ୍ୱରର ଏକ ଜମିଦାର ପରିବାରରେ ତାଙ୍କର ଜନ୍ମ। ପିତା ରାଧାରଞ୍ଜନ ଦାସ ଓ ମାତା ବୃନ୍ଦାବତୀ ଦେବୀଙ୍କର ସେ ହେଉଛନ୍ତି କନିଷ୍ଠା କନ୍ୟା। ଉଭୟ ପିତା ମାତା ଥିଲେ ପରୋପକାରୀ, ଉଦାରମନା । ବାଲ୍ୟାବସ୍ଥାରୁ ବୋଉଙ୍କ ପ୍ରଭାବ ଖୁବ୍ ପଡ଼ିଥିଲା ତାଙ୍କ ଉପରେ। ବୋଉ ପଢୁଥିବା ମୋଟା ମୋଟା ଓଡ଼ିଆ, ବଙ୍ଗଳା ବହି ଦେଖି ସେ ସ୍ୱପ୍ନ ଦେଖିଥିଲେ ବଡ଼ହୋଇ ସେହିପରି ବହି ଲେଖିବେ। ସୁବିଦ୍ୟା କୁହନ୍ତି, 'ଆଜି ବି ମୋ ମନରେ 'ଝଞ୍ଜା ମାଟିର ମଣିଷ' ଆଦି ଉପନ୍ୟାସର ଛାପ ରହିଯାଇଛି ଯାହା ପିଲାଦିନେ ଲୁଚିଲୁଚି ପଢୁଥିଲି। ପାଠ ପ୍ରତି ଆଗ୍ରହ କମ୍ ଓ ଗପବହି ପଢ଼ିବାର ପ୍ରଚୁର ନିଶା ଥିଲା। ମନରେ ଏପରି ଏକ ଧାରଣା ଥିଲା, ପାଠ ନ ପଢ଼ି ମୋର ବିଶେଷ କିଛି କ୍ଷତି ହେବନି, ମୁଁ ଆପେ ଆପେ କିଛି ଗୋଟେ ହୋଇଯିବି। ପାଠ ପ୍ରତି କମ୍ ଆଗ୍ରହ ଦେଖି ବାପା ବୋଉ ଅନେକ ସମୟରେ ଚିନ୍ତିତ ରହୁଥିଲେ। ଆଜି ଜୀବନର ଏକ ବଡ଼ ଅବସୋସ ରହିଯାଇଛି, ମୋ ପ୍ରକାଶିତ ପୁସ୍ତକରୁ ଖଣ୍ଡିଏ ବି ସେମାନେ ଦେଖିପାରିଲେନି। ସୁନାହାଟ ଉ.ପ୍ରା. ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସମାପ୍ତ କରି ବାରବାଟୀ ବାଳିକା ବିଦ୍ୟାଳୟ ଓ ଫକୀର ମୋହନ କଲେଜରୁ ମୁଁ ଶିକ୍ଷା ଗ୍ରହଣ କରିଥିଲି। କଲେଜ ପଢ଼ା ସମୟରୁ କବିତା ଲେଖୁଥିଲେ ବି ବିବାହ ପରବର୍ତ୍ତୀ ସମୟରେ ବୀରମିତ୍ରପୁରରେ ଶିକ୍ଷୟିତ୍ରୀ ଥିବାବେଳେ ମୋର ଅନେକ ଗପ, କବିତା, ଆଲେଖ୍ୟ ବହୁ ଓଡ଼ିଆ ଓ ଇଂଲିଶ ପତ୍ରପତ୍ରିକା ସହିତ ପୁରୀ ଓ କଟକ ଆକାଶବାଣୀରେ ପ୍ରକାଶିତ ହୋଇଛି। ଈଶ୍ୱରଙ୍କ ଆଶୀର୍ବାଦ ଓ ମୋର ପ୍ରିୟ ପାଠକପାଠିକାମାନଙ୍କ ଭଲ ପାଇବା ହିଁ ମୋ ପ୍ରତିଭାକୁ ବିକଶିତ କରିଛି। ଜୀବନର ଚଲାପଥରେ ଅନେକ ସୁଖ ଓ ଦୁଃଖ ଅନୁଭୂତି ସାଉଁଟିଛି, ସେହିସବୁ ସାଉଁଟା ସ୍ମୃତିକୁ ତୋଳିଧରି ମୋ ଚାରିପାଖରେ ଘଟୁଥିବା ଘଟଣାକୁ ନେଇ ମୁଁ ଗଳ୍ପ ଲେଖିଥାଏ। ଜୀବନ ଯନ୍ତ୍ରଣାରେ ପୀଡ଼ିତା ନାରୀର ଅନ୍ୟାୟ ଅନୀତି ସହିତ ସଂଘର୍ଷ ଯାହା ମୋ ମନରେ ପୀଡ଼ା ସାଜି କଲମରୁ ଝରିଆସେ। ପ୍ରତିଟି ମାନସ ସନ୍ତାନକୁ ଶେଷ ସ୍ପର୍ଶ ଦେବା ପରେ ମୋତେ ଆତ୍ମସନ୍ତୋଷ ମିଳିଥାଏ। ଯାହାକୁ ଭାଷାରେ ପରିପ୍ରକାଶ କରିବା ସମ୍ଭବ ନୁହେଁ। ପ୍ରିୟ ପାଠକଙ୍କ ପ୍ରତିଟି ବାକ୍ୟ ମୋ ମନରେ ବାନ୍ଧିହୋଇ ରହିଯାଏ, ଯାହା ସମୟେ ସମୟେ ଆନନ୍ଦର ଅଶ୍ରୁ ଭାବେ ଝରିଆସି ଚଳଚଞ୍ଚଳ କରିଥାଏ ମୋର କଲମକୁ। ସ୍ୱାମୀ ରାଜକୃଷ୍ଣ ମହାନ୍ତିଙ୍କ ସ୍ନେହ ଓ ନିର୍ଦ୍ଦେଶ ମୋ କଲମକୁ ଅଧିକ ସଶକ୍ତ କରିଛି।' ତାଙ୍କ ସ୍ୱାମୀ ମଧ୍ୟ ଜଣେ ସାହିତ୍ୟସାଧକ (ଶ୍ରୀ ଅରବିନ୍ଦଙ୍କ ରଚିତ ସାବିତ୍ରୀ ମହାକାବ୍ୟର ଓଡ଼ିଆ ଅନୁବାଦକ)। ଲେଖାଲେଖି ବ୍ୟତୀତ ସୁବିଦ୍ୟାଙ୍କର ଭିନ୍ନ ଏକ ପରିଚୟ ରହିଛି ସମାଜ ସେବା କ୍ଷେତ୍ରରେ। ପୁରୀର ନାରୀସେବା ସଂଘ, ନୀଳାଚଳ ନାରୀସେବା ସମିତିର ମ୍ୟାନେଜମେଣ୍ଟ ସଦସ୍ୟା, ସ୍ୱରାଜ ମହଲ ଶାହା କଲେଜ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡ଼େମୀର ପରିଚାଳନା କମିଟି ସଦସ୍ୟା ସହିତ ଅନ୍ୟାନ୍ୟ ସେବା ଅନୁଷ୍ଠାନର ସଦସ୍ୟା ଭାବେ ଅନେକ ନିରାଶ୍ରୟଙ୍କୁ ଆର୍ଥିକ, ମାନସିକ ଓ ଶାରୀରିକ ସ୍ତରରେ ସହଯୋଗ କରିଆସୁଛନ୍ତି। ଦୀର୍ଘ ୫୦ବର୍ଷରୁ ଅଧିକ ସମୟ ଧରି ସାହିତ୍ୟର ଯାତ୍ରା ଜାରି ରଖିଥିବା ଲେଖିକା ସୁବିଦ୍ୟା ଦେବୀଙ୍କୁ ତାଙ୍କ ସାହିତ୍ୟ କୃତୀ ପାଇଁ ମିଳିଛି ଅନେକ ସ୍ୱୀକୃତି ଓ ସମ୍ମାନ। ଯଥା ପୁରୀର ସୁଲେଖା ଓ ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ, (ଯୁଗଳବନ୍ଦୀ ସମ୍ମାନ ଉଭୟ ପତି ପତ୍ନୀ) ଯୁଗଶ୍ରୀ ଯୁଗନାରୀ, ଇସ୍ପାତ ସାହିତ୍ୟ ସଂସଦ, ସୁଲେଖା ଗାଳ୍ପିକା ସମ୍ମାନ, ସୁଧନ୍ୟା ଭୁବନେଶ୍ୱରର ଔପନାସିକା ସମ୍ମାନ, କାଦମ୍ବିନୀ ସମ୍ମାନ, ପୁରୀ ପୁସ୍ତକ ମେଳା ସମ୍ମାନ । ପୁରୀର ଅନେଷିତା, ବର୍ଷା, ଭଦ୍ରକର ସଖା ଅନୁଷ୍ଠାନରୁ ଗାଳ୍ପିକା ଏବଂ କବୟିତ୍ରୀ ସମ୍ମାନରେ ସମ୍ମାନିତ ହେବା ସହିତ ୨୦୦୫ରେ ଫକୀର ମୋହନ କଲେଜର ପୁରାତନ ଛାତ୍ର ସଂସଦ ତାଙ୍କୁ 'ଛାତ୍ରୀ ଗୌରବ' ସମ୍ମାନରେ ସମ୍ମାନିତ କରିଛି।









**–ପ୍ରିୟମ୍ବଦା ରଥ,** ଦିଲ୍ଲୀ

–୮୭୮୮୯୫୭୮୦୦

# ସମ୍ପର୍କ

**ଘନଶ୍ୟାମ ପଲେଇ**

କୋର୍ଟକଚେରୀ କାମ ଜାଣ ଅଡୁଆ ସୁତା । ଥରେ ଗୁଡେଇ ହେଲେ ଅଡୁଆ ବଢିବ ସିନା କମିବାର ନାଁ ନେବନି । ତାରିଖ ପରେ ତାରିଖ ଗଡି ଚାଲିଥିବ । ଏଇ ଦେଖୁ ନାହାଁନ୍ତି ଦି ଭାଇଙ୍କ ଜମି ବାଡି କେସ୍ ଟା ଚାହୁଁ ଚାହୁଁ ପାଞ୍ଚ ବର୍ଷ ଗଲାଣି ବିତି । ଖାଲି ପୋଷିବା କଥା ଓକିଲ । ଟିକେ ଟିକେ କଥାରେ ଘଟିଗଲା ମହାଭାରତ । କଥା କଟାକଟି । ଛାଇ ଦେଖିଲେ ଡେଇଁଲା ନାହି । ସମ୍ପର୍କରେ ପଡିଲା ଭଙ୍ଗା । ନିଜ ନିଜ ଓକିଲ ପଠେଇଛନ୍ତି ଖବର । ଆଜି ଫାଇନାଲ ହେବ କେସ୍ । ଝାମେଲା ତୁଟିବ । ବଡ ଭାଇର ଓକିଲ ତ ପୁରା ସିଓର ଜିତାପଟ ତାଙ୍କର । ସକାଳୁ ସକାଳୁ ବଡଭାଇ ଆଇରନ ଦିଆ ପେଣ୍ଟସାର୍ଟ ପିନ୍ଧି କାଲି ବଜାରରୁ ଆଣିଥିବା ନୁଆ ଜୋତା ହଳକ ଗଳେଇଲେ । ସୁନ୍ଦର ହେଇଚି ଜୋତାହଳକ । ବେଶ୍ ମାନୁଛି ବି ତାଙ୍କୁ ।

ସଅଳ ସଅଳ ଯାଇ କୋର୍ଟରେ ହାଜର । ରାଜରାଜୁଡା ଅମଳର କୋର୍ଟଟାକୁ ଥରେ ପ୍ରଶ୍ନୀଳ ଆଖିରେ ପହଁରେଇ ଆଣିଲେ ନଜର । ପ୍ରକୃତ ନ୍ୟାୟ ମିଳିବ ତ ତାଙ୍କୁ । ଜୋତାଟା ଖୋଲି ଉଠିଗଲେ ଉଚ୍ଚା ବାରଣ୍ଡାକୁ । ଦେଖିଲେ ଆଗରୁ ବାରଣ୍ଡାର ଗୋଟେ ସାଇଡରେ ସାନଭାଇ ବସିଥିଲା ତା ଓକିଲ ପାଖରେ । ସାନ ଭାଇ କେତେବେଳୁଁ ଲକ୍ଷ୍ୟ କଲାଣି ବଡଭାଇ ଆସିବାର । ବେଶି ଲକ୍ଷ୍ୟ ତା ବେଶପରିପାଟିକୁ । ନଜର ଅଟକି ଯାଇଥିଲା ବଡଭାଇର ନୁଆଜୋତା ହଳକ ଉପରେ । ମନେ ମନେ କରୁଥିଲା ଇର୍ଷା । ଭାଇ ତାହାଲେ ଜାଣିସାରିଲାଣି ଜିତାପଟ ତାହାର । ଆଉ ଘଣ୍ଟାଏ ଦିଘଣ୍ଟା କଥା । ଜଜ୍ ଶୁଣେଇବେ ଫାଇନାଲ ଜଜମେଣ୍ଟ । ଖୁସିରେ ବୋଧେ ତାକୁ ଚିଡେଇବାକୁ କିଣିଛି ନୂଆ ଜୋତା ।

ନଜର ହଟେଇ ପାରୁନଥିଲା ବାରଣ୍ଡା ତଳେ ରଖିଥିବା ବଡଭାଇର ନୂଆଜୋତା ହଳକ ଉପରୁ । ଦେଖୁ ଦେଖୁ ଅବେଳାରେ ହଠାତ୍ ଆକଶରୁ ଝରିଲା ବର୍ଷା ଟୋପା । ବୁନ୍ଦେ ଦିବୁନ୍ଦା ପଡିଛି କି ନା ଦୌଡଡି ଗଲା ଅନ୍ୟମନସ୍କରେ । ନୂଆ ଜୋତା ହଳକୁ ଚାହୁଁ ଚାହୁଁ ଉଠେଇ ରଖିଦେଲା ନିରାପଦ ଜାଗାରେ । ଆଉ ପାଣି ବାଜିବନି । ଦୁରରୁ ଏସବୁ ଦୃଶ୍ୟ ଦେଖୁଥିଲା ବଡଭାଇ । ନୂଆ ଜୋତା ହଳକୁ ସିନା ଓଦାହେବାକୁ ଦେଲା ନି ସାନଭାଇ । ହେଲେ ଓଦା କରିଦେଲା ଅନ୍ତର ତଳ । ଓଦା ହେଇଗଲା ଆଖି । ଆଖିରେ ଭାସିବୁଲିଲା ପିଲାଦିନ । ସାନଭାଇର ଦୁଷ୍ଟାମି । ବେଳେବେଳେ ତ ପରିସ୍ଥିତି ଅଣାୟତ୍ତ । ପାଟିତୁଣ୍ଡ ଚୁଟି ଝିଙ୍କାଝିଙ୍କି । ହେଲେ ବାପାଙ୍କ ଗୋଟିଏ ଡାକରାରେ ନିମିଷକେ ସବୁ ହେଇଯାଉଥିଲା ନର୍ମାଲ । ସତେ ଯିମିତି କିଛି ଘଟିନଥିଲା ଟିକେ ଆଗରୁ । ଆଜି ବାପାଙ୍କ ଆବର୍ତ୍ତମାନରେ ଏତେ କାଣ୍ଡ । ଛୋଟ କଥା ବି ମିମାଂସା ହେବାକୁ ଲାଗିଲାଣି ପାଞ୍ଚ ବର୍ଷ । ସେ ପୁଣି କୋର୍ଟରେ । ଆଉ ନୁହଁ । ଉଠିଲା । ସିଧା ସିଧା ନିଜ ଓକିଲକୁ କହିଲା---- ମୁଁ ଯାଉଚି, ଦରକାର ନାହିଁ ମୋର ସେ ଜମି, ସାନ ପାଉ ।

ଓକିଲ କିଛି କହିବା ଆଗରୁ ବଡଭାଇ ଛାଡି ସାରିଥିଲା କୋର୍ଟ ପରିସର । ଅଦିନିଆ ବର୍ଷା ବି ମାଟି ଭିଜେଇ ଛାଡି ସାରିଥିଲା କେତେବେଳୁଁ । ଗୋଟାପଣେ ଶାନ୍ତ ପଡିଯାଇଥିଲା ପୃଥିବୀ । ଆଖିର ଲୁହରେ ବି ଧୋଇ ସାରିଥିଲା ମନ ଆଉ ହୃଦୟ । ଆଉ ନଥିଲା ମନରେ ଇର୍ଷା ସାନଭାଇ ପ୍ରତି ।

ଏପଟେ ସାନଭାଇ କେତେବେଳଠୁଁ ଲକ୍ଷ୍ୟ କଲାଣି ବଡଭାଇ ଫେରୁନି । ସମୟ ହେଲାଣି ଜଜ୍ ସାମ୍ନାରେ ଛିଡା ହେବାର । ଆଉ ସମ୍ଭାଳି ପାରିଲାନି ଉଠି ପଚାରିଲା ଅପରପକ୍ଷ ଓକିଲକୁ --- ବଡଭାଇ! କୁଆଡେ ଗଲା, ଆସୁନି ଯେ ?

ଓକିଲଙ୍କ ପାଖରୁ ସବୁକଥା ଶୁଣି, ସାନଭାଇ ଆଖିରୁ ଖସି ଚାଲିଲା ଅମାନିଆ ଲୁହ ଧାର । ମନକୁ ମନ ସାନ୍ତ୍ୱନା ଦେଇ କହୁଥାଏ -- ସତରେ ବଡ ଭାଇ ପରା ବାପ ସମାନ ।

*-ଗାଁ: ବଡ ଆମୁଁଣି, ପୋ: ହାଣ୍ଡିଭଙ୍ଗା*
*ଭାୟା: ଝୁମ୍ପୁରା, ଜିଲ୍ଲା: କେନ୍ଦୁଝର୍*
*ପିନ୍: ୭୫୮୦୩୧ ମୋ:୯୪୩୭୭୧୮୫୦୦*



## ଗ୍ରୀଷ୍ମ : ମୋ ସହରରେ

**-ଶୁଭେନ୍ଦୁ ମହାନ୍ତି**

ଗ୍ରୀଷ୍ମ ଆସିଛି ମୋ ସହରକୁ
ବଡ଼ ବଡ଼ିଆଙ୍କ ଏୟାର କଣ୍ଡିସନ୍ଡ
ପ୍ରକୋଷ୍ଠ ଭିତରୁ-
ଖଟିଖିଆ ଗରିବର ଅଧାଛିଣ୍ଡା ପୁରୁଣା
'ବିଞ୍ଚଣା' ଦେହରୁ-
ଅଘୋଷିତ ବିଜୁଳି କାଟରୁ-
'ପେପ୍‌ସି', 'କୋକାକୋଲା'ର
ମାର୍କେଟ୍ ଭିତରୁ-
ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖୁଥିବା
ପରୀକ୍ଷାର୍ଥୀର ଉତ୍ତର ଖାତାରୁ-
କାଳିଝିଅଟିଏ ପାଇଁ ବର ଖୋଜୁଥିବା
ବୁଢ଼ା କିରାଣିର
ସୀମିତ ସମ୍ବଳ ଭିତରୁ-
ମୋ ପ୍ରେମିକାର ମଳିନ ମୁହଁରୁ
ଝାଲୁଆ ଦେହରୁ-

ଗ୍ରୀଷ୍ମ ଆସିଛି ଏ ସହରକୁ
ନିଷ୍ଠୁର ନିର୍ମମ ଭାବରେ
ନୂଆ କରି ବାହାହୋଇ
ଯଉତୁକ ଆଣି ନ ଥିବା
କୁନି ବୋହୂଟିର କଳିହୁଡୀ ମୋଟି
ଉଦଣ୍ଡୀ ଶାଶୁଟିଏ ପରି-

*-ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ,*
*ପ୍ରାଣନାଥ ସ୍ୱୟଂଶାସିତ*
*ମହାବିଦ୍ୟାଳୟ, ଖୋର୍ଦ୍ଧା*
*ମୋ: ୯୪୩୭୭୭୫୭୫୭*







# ଦେଶ

**-ମାନିନି ମିଶ୍ର**

ଜରୁରୀ ନୁହେଁ
ପ୍ରେମ ରେ ହାରିଲେ ଦେଶ
କାନ୍ଦିବ
ତତେ ଦିଶିବ ପଥୁରିଆ
ହୃଦୟ,ଫୃଦୟ
ଜରୁରୀ ନୁହେଁ

କାଦୁଆ ହେଲେ ଦେଶ ଗାମୁଛା ମାଗିବ
ତତେ ଶୁଭିବ ଉପାସିଆ ପେଟ
କେମିତି ଗରଜେ ଖଲ୍ ଖଲ୍ !!

*-ରୋୟାଲ ଲାଗୁନ, ପଟିଆ*
*ଭୁବନେଶ୍ୱର*
*୮୨୪୯୩୪୨୩୪୬*





ତାପସୀ

## ସମାଜ ସେବାରେ ମନ

ତାପସୀ ପାନ୍ନୁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ସେ ଅଭିନୟ ସହ ଆଉ ଏକ କ୍ଷେତ୍ରରେ ପାଦ ରଖିବାକୁ ଯାଉଛନ୍ତି। ତାହା ହେଲା ସମାଜସେବା। କେବଳ ସେତିକି ନୁହେଁ, ଏଥିପାଇଁ ଏକ ଗ୍ରୁପ୍ ମଧ୍ୟ ଗଠନ କରିଛନ୍ତି। ଏଭଳି ଆଭିମୁଖ୍ୟ ସମ୍ପର୍କରେ ତାପସୀ କହନ୍ତି, 'ଅନେକ ସ୍ଥାନ ବୁଲିବା ପରେ ଥରେ ମୋ ମନରେ ସମାଜସେବା କଥା ଉଠିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି। କେବଳ ସେତିକି ନୁହେଁ, ଏ ନେଇ କେତେ ଜଣ ନାମୀ ସମାଜସେବୀଙ୍କ ସହ ଆଲୋଚନା ମଧ୍ୟ କରିଥିଲି। ଏବେ ନିଜକୁ ମୁଁ ଏ କାମରେ ସାମିଲ କରିବି ବୋଲି ମାଇଣ୍ଡ ମେକ୍‌ଅପ୍ କରିସାରିଛି। ମୋର କେତେ ଜଣ ସାଙ୍ଗ ଏଥିପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଆମେ ଏକାଠି ହୋଇ ସମାଜ ସେବା କରିବା ସହ ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବୁ। ତା' ସହ ସମାଜ ସେବା ବିଷୟବସ୍ତୁକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ମଧ୍ୟ ଯୋଜନା ରହିଛି।' ତେବେ ଏ କ୍ଷେତ୍ରରେ ତାପସୀ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## କ୍ୟାଟ୍ରିନାଙ୍କ ପ୍ରଶଂସାରେ କଙ୍ଗନା

କଙ୍ଗନା ରାଣାଓ୍ୱତଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ କିଏ ଜାଣନ୍ତି ? କ୍ୟାଟ୍ରିନା କୈଫ। ଯୁଆଡେ ଗଲେ ତାଙ୍କ ବିଷୟରେ କିଛି ବଖାଣିବାକୁ ଭୁଲୁନାହାନ୍ତି ଏହି ଅଭିନେତ୍ରୀ। କାରଣ ସେ ଯାହାକୁ ନେଇ ଟେନସନରେ ଥିଲେ ତାହାକୁ କ୍ୟାଟ୍ରିନା ଦୂର କରିଦେଇଛନ୍ତି। ନିକଟରେ କଙ୍ଗନା ଏକ ନୂଆ ସିନେମା ସାଇନ୍ କରିଛନ୍ତି। ହେଲେ ଏଥିରେ ତାଙ୍କୁ ଆକ୍ସନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏହାବ୍ୟତୀତ ଏହି ଫିଲ୍ମରେ ତାଙ୍କୁ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡିବ। ଅନ୍ୟପକ୍ଷରେ ଏପରି ରୋଲକୁ ତୁଲାଇବାକୁ ନିଜର ମନୋବଳକୁ ଦୃଢ଼ କରିସାରିଛନ୍ତି କଙ୍ଗନା। ଏ ସମ୍ପର୍କରେ ସେ କହନ୍ତି, 'ଏପରି ଆକ୍ସନ ଭୂମିକାରେ ମୋତେ କେତୋଟି ଷ୍ଟଣ୍ଟ ସଟ୍ ଦେବାକୁ ପଡିବ। ତେଣୁ ଏ ନେଇ ନିଜକୁ କେମିତି ପ୍ରସ୍ତୁତ କରିବି ସେଥିପାଇଁ କ୍ୟାଟ୍ରିନାଙ୍କ ସହଯୋଗ ଲୋଡିଥିଲି। ସେ ମୋତେ ଏ ନେଇ ଯେଉଁ ଟିପ୍ସ ଦେଇଛନ୍ତି ତାହା ମୋ ଟେନସନକୁ ଦୂର କରିଦେଇଛି।' ତେବେ ଏଭଳି ଭୂମିକାରେ କଙ୍ଗନା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



କଙ୍ଗନା

## ଭେଜିଟେରିଆନ୍ ଶାହୀଦ

ଶାହୀଦ କପୁର ଆଦୌ ଆମିଷ ଖାଆନ୍ତି ନାହିଁ। ହେଲେ ଏହା ପଛରେ ନିଶ୍ଚୟ କିଛି କାରଣ ଥିବ। କଥା କ'ଣ କି ଥରେ ସେ ଏକ ଇଂରାଜୀ ନୋବେଲ ପଢୁଥିଲେ। ଏହାଦ୍ୱାରା ଅନୁପ୍ରାଣିତ ହୋଇ ନିରାମିଶାଷୀ ପାଲଟି ଯାଇଥିଲେ ଏହି ଅଭିନେତା। ଏ ନେଇ ଶାହୀଦ କହନ୍ତି, 'ଭଲ ଭଲ ଲେଖକଙ୍କ ରଚିତ ବହି ମୋତେ ପଢ଼ିବାକୁ ଭଲ ଲାଗେ। ଏଥିପାଇଁ ମୁଁ ଘରେ ଏକ ମିନି ଲାଇବ୍ରେରି ତିଆରି କରି ଅନେକ ବହି ସାଇତି ରଖିଛି। ଥରେ ମୁଁ ଏକ ଇଂରାଜୀ ନୋବେଲ ପଢୁଥାଏ। ସେଥିରେ ଭେଜିଟେରିଆନ୍ ହେଲେ ତାହା ଆମର ଦୈନନ୍ଦିନ ଜୀବନଶୈଳୀକୁ କେତେ ପ୍ରଭାବିତ କରେ ତାହା ଉଲ୍ଲେଖ କରାଯାଇଥିଲା। ଆଉ ସେହି ବିଷୟ ମୋତେ ବେଶ୍ ପ୍ରଭାବିତ କରିଥିଲା। ତା'ପରେ ମୁଁ ଭେଜିଟେରିଆନ୍ ହେବାକୁ ସ୍ଥିର କରିଥିଲି।' ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ଏହାପୂର୍ବରୁ ଶାହୀଦ ଚଳଚ୍ଚିତ୍ରରେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସରଭାବେ କାମ କରୁଥିଲେ। ଶାହୀଦ ସୁବାସ ଘାଇଙ୍କ 'ତାଲ୍' ଏବଂ ଯଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ୍ ହେ'ରେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବେ ସେ ନାଚିଥିଲେ।



ଶାହୀଦ

## ଏଥର ଠାକୁର ରାଜା

ଜଗତର ନାଥ ଜଗନ୍ନାଥ। ତାଙ୍କର ଲୀଳା ଅପାର। ସେହି ବିଶ୍ୱନିୟନ୍ତାଙ୍କ ଲୀଳାଖେଳାର କିଛି ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ମହାବାହୁ'। ଖାସ୍ କଥା ହେଲା, ଏଥିରେ ଅଭିନେତା ଆକାଶ ଦାସନାୟକଙ୍କୁ ଦର୍ଶକ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଅନ୍ୟପକ୍ଷରେ ଏଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରକୁ କେବଳ ଜାତୀୟ ନୁହେଁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶନ କରିବାକୁ ଆଶା ରଖିଛନ୍ତି ପ୍ରଯୋଜକ ରମେଶ ବାରିକ। ଏହାର ଅନ୍ୟତମ ପ୍ରଯୋଜକ ହେଉଛନ୍ତି କେ. ତମନ୍ନା। ଏଥିରେ ନିଜ ଭୂମିକା ସମ୍ପର୍କରେ ଆକାଶ କହନ୍ତି, 'ଏହି ଫିଲ୍ମରେ ମୋତେ 'ଠାକୁର ରାଜା' ବୋଲି ଡାକୁଛନ୍ତି। ସେ ଜଣେ ବିନଦାସ୍ ମଣିଷ। ସଫଳ ବିଜନେସମ୍ୟାନ୍ ଆଉ ଜଗନ୍ନାଥଙ୍କର ପରମ ଭକ୍ତ। ହେଲେ ତା' ଜୀବନରେ ଏପରି ସମୟ ଆସଛି ଯାହାଦ୍ୱାରା ସେ ଜଣେ ମହା ନାସ୍ତିକ ପାଲଟି ଯାଇଛି। ଆଉ ତା'ପରେ କ'ଣ ହେଉଛି ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ।' ଆର.ଆର. ଇଭେଣ୍ଟସ୍ ସିନେ ପ୍ରଡକ୍ସନ ଏବଂ ଷ୍ଟୁଡିଓ ଥ୍ରୀସିକ୍ସଟି ବ୍ୟାନରରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶ୍ରୀତମ୍ ଦାସ। ଏଥିରେ ଆକାଶଙ୍କ ନାୟିକା ସାଜିଛନ୍ତି ପୁନମ ମିଶ୍ର। ଆକାଶ-ପୁନମ୍ ଯୋଡି ବ୍ୟତୀତ ଏଥିରେ ତନୁଶ୍ରୀ, ଦିବ୍ୟା, ଶ୍ରୀତମ୍ ଦାସ, ହରିହର ମହାପାତ୍ର, ଟୋପି, ଉଷସୀ ମିଶ୍ର ମଧ୍ୟ ଅଭିନୟ କରିଛନ୍ତି। ଶରଣାରବିନ୍ଦ ଏହାର ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ।



'ମହାବାହୁ' ଚଳଚ୍ଚିତ୍ରରେ ଆକାଶ

## ରକୁଲ୍ ଯାହା ଖୋଜୁଥିଲେ..

ରକୁଲ୍ ପ୍ରୀତ୍ ସିଂ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଆଗକୁ ପଛକୁ ବିଚାର ନ କରି ସିନା ସେ ଫିଲ୍ମଟି ସାଇନ୍ କରିଦେଲେ, ହେଲେ ଏଥିରେ ତାଙ୍କୁ ମିଳିଥିବା ଭୂମିକାରେ କମେଡି ତଡକା ରହିଛି। ତେଣୁ ଏବେ କମେଡି ଶିଖିବାକୁ ଅଣ୍ଟା ଭିଡିଛନ୍ତି ସେ। ତେବେ ଏ ନେଇ ରକୁଲ୍ ଗୁରୁଟିଏ ମଧ୍ୟ ଯୋଗାଡ କରିସାରିଲେଣି। ସେ କିଏ ଜାଣନ୍ତି ? ଅକ୍ଷୟ କୁମାର। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କ ସହ ଦେଖା ହେବା ପରେ ସେ ନିଜ ମନ କଥା ଖିଲାଡି ମାଷ୍ଟରଙ୍କୁ କହିଥିଲେ। ବାସ୍ ତା'ପରେ ଅକ୍ଷୟ କମେଡି କରିବାକୁ ହେଲେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିବ ସେ ନେଇ ଟିପ୍ସ ଦେଇଥିଲେ। ରକୁଲ ଯାହା ଖୋଜୁଥିଲେ ତାହା ସିନା ତାଙ୍କୁ ମିଳିଗଲା, ହେଲେ ସେହି ଟିପ୍ସଗୁଡିକୁ ସେ କେତେ କାମରେ ଲଗାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ସେ ସାଇନ୍ କରିଥିବା ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ହେଲେ ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟକ ସାଜିବ ତାହା ଆଉ କିଛି ସପ୍ତାହ ଭିତରେ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ରକୁଲ୍

## ଜାହ୍ନବୀଙ୍କ ଡିନର ପାର୍ଟି


ଜାହ୍ନବୀ କପୁର ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି ସେ ନିକଟରେ ଏକ ଅନଟାଇଟଲ୍‌ଡ ଫିଲ୍ମର ଶୁଟିଂ ଶେଷ କରି ଫେରିଛନ୍ତି। ତେବେ ଏହାର ଶୁଟିଂ ସମୟରେ ତାଙ୍କର କେତେ ଜଣ ସାଙ୍ଗ ତାଙ୍କୁ ଏକ ଡିନର ପାର୍ଟି ଦେବାକୁ କହିଥିଲେ। ହେଲେ ଯେହେତୁ ୟୁନିଟ୍ ବିଦେଶରେ ଥିଲା, ତେଣୁ ମୁମ୍ବାଇ ଫେରିଲେ ସାଙ୍ଗମାନଙ୍କ କଥା ନିଶ୍ଚୟ ରଖିବି ବୋଲି ସେ କହିଥିଲେ। ଏ ନେଇ ଜାହ୍ନବୀ କହନ୍ତି, 'ମୁଁ ସେତେବେଳେ ପ୍ୟାରିସ୍‌ରେ ଥିଲି। ଯେହେତୁ ମୋ ଫିଲ୍ମର ୧୪ଦିନିଆ ଶୁଟିଂ ସିଡ୍ୟୁଲ ସେଠାରେ ଥିଲା, ତେଣୁ ମୋତେ ସେଠାରେ ରହିବାକୁ ପଡିଥିଲା। ଯେତେବେଳେ ମୋ ସାଙ୍ଗମାନେ ମୋତେ ଡିନର ପାର୍ଟି କଥା କହିଲେ ସେମାନଙ୍କ ଅନୁରୋଧକୁ ଏଡାଇ ପାରି ନ ଥିଲି। ମୁମ୍ବାଇ ଫେରିବା ପରେ ନିଶ୍ଚୟ ଏହି ପାର୍ଟି ଦେବି ବୋଲି ସେମାନଙ୍କୁ ପ୍ରତିଶୃତି ଦେଇଥିଲି।' ନିକଟରେ ସେ ଏକ ବଡ ହୋଟେଲରେ ଏହି ଡିନର ପାର୍ଟିର ଆୟୋଜନ କରିଥିଲେ। ତାଙ୍କର ସାଙ୍ଗମାନେ ସେଠାରେ ଉପସ୍ଥିତ ରହି ପାର୍ଟିର ମଜା ଉଠାଇଥିଲେ।



ଜାହ୍ନବୀ

ପ୍ରଥମ ରୋଜଗାର

# ଦରମା ଟଙ୍କାରେ ନୂଆ ପ୍ୟାଣ୍ଟଶାର୍ଟ କରିଥିଲି



ବିଶିଷ୍ଟ କଥାକାର **କୃପାସାଗର ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଢେ**ଙ୍କାନାଳ ଜିଲାର ମଠକରଗୋଳା ଗାଁରେ ମୋ ଜନ୍ମ। ମଠକରଗୋଳା ହାଇସ୍କୁଲ୍‌ରୁ ମାଟ୍ରିକ୍ ଓ ରେଭେନ୍ସାରୁ ଗ୍ରାଜୁଏଶନ୍ ସାରି ବାଣୀବିହାରରେ ରାଜନୀତି ବିଜ୍ଞାନରେ ଏମ୍.ଏ. କଲି। ଏମ୍.ଏ. ପରେ ୩ ବର୍ଷ ଆଡ୍‌ହକ୍‌ରେ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜରେ ଅଧାପନା କରିଥିଲି। ସେବେ ୬ ମାସରେ ଥରେ ଦରମା ମିଳୁଥିଲା। ପ୍ରଥମ ଦରମାରେ ନିଜ ପାଇଁ କେତୋଟି ନୂଆ ପ୍ୟାଣ୍ଟଶାର୍ଟ କରିଥିଲି। ସେ ସମୟରେ ଆମର ମହାଜନ ଘର ଥିଲା। ଘରେ ମୋ ଦରମାର କୌଣସି ଆବଶ୍ୟକତା ପଡୁ ନ ଥିଲା। କିନ୍ତୁ କର୍ତ୍ତବ୍ୟ ଦୃଷ୍ଟିରୁ ସାନ ଭାଇଭଉଣୀଙ୍କର ପଢ଼ାରେ ପ୍ରତିମାସ କିଛିକିଛି ଖର୍ଚ୍ଚ କରୁଥିଲି। ୩ ବର୍ଷ ଅଧାପନା ପରେ ୟୁପିଏସ୍‌ସି ଦ୍ୱାରା ଅନୁଷ୍ଠିତ ସର୍ବ ଭାରତୀୟ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୯୭୮ରେ ଭାରତୀୟ ରେଳ ପରିଚାଳନ ସେବାରେ ଯୋଗଦାନ କରିଥିଲି। ପ୍ରାୟ ୨ ବର୍ଷ ଟ୍ରେନିଂ ନେଇ ସାରିବା ପରେ୧୯୮୦ ଜୁଲାଇରେ ଆସିଷ୍ଟାଣ୍ଟ ଅପରେଟିଙ୍ଗ୍ ସୁପରିଣ୍ଟେଣ୍ଡେଣ୍ଟ ଭାବେ ବିଳାସପୁରରେ ଜଏନ୍ କରିଥିଲି। ତେବେ ଜଏନ୍ କରିବାର କିଛିଦିନ ପରେ ବିଳାସପୁର ଡିଭିଜନ୍‌ରେ ଏକ ବଡ଼ ରେଳ ଦୁର୍ଘଟଣା ଘଟିଥିଲା। ଗୋଟେ ପାସେଞ୍ଜର ଟ୍ରେନ୍‌କୁ ମାଲବାହୀ ଟ୍ରେନ୍ ପଛପଟୁ ଧକ୍କା ଦେଇଥିଲା। ଏଥିରେ ୩୩ ଜଣ ମୃତ୍ୟୁବରଣ କରିଥିଲେ ଏବଂ ଅନେକ ଲୋକ ଗୁରୁତର ହୋଇଥିଲେ। ୩ ଦିନ ଆମକୁ ଦୁର୍ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ସହ ରେଳ ଚଳାଚଳକୁ କଣ୍ଟ୍ରୋଲ୍ କରିବାକୁ ପଡିଥିଲା। ନୂଆ ନୂଆ ଚାକିରିର ଏହି ମର୍ମନ୍ତୁଦ ଘଟଣାଟି ସାରା ଜୀବନ ମୋ ମନରେ ଅଭୁଲା ସ୍ମୃତି ହୋଇ ରହିବ। ଏହିପରି ବହୁ ଘଟଣା ଓ ଦୁର୍ଘଟଣାକୁ ସାମନା କରି ମୁଁ ଭାରତର ବିଭିନ୍ନ ସ୍ଥାନରେ କାମ କରିଛି। କଲିକତାରେ ୧୭ ବର୍ଷ ଅବସ୍ଥାନ କାଳରେ ସାଉଥ୍ ଇଷ୍ଟର୍ନ ଏବଂ ଇଷ୍ଟର୍ନ ରେଲୱେରେ ବି କାମ କରିଛି। ଶେଷରେ ୨୦୧୨ ମାର୍ଚ୍ଚ ୩୧ରେ ଇଷ୍ଟ କୋଷ୍ଟ ରେଲ୍‌ୱେର ଚିଫ୍ ଟ୍ରାଫିକ୍ ମ୍ୟାନେଜର୍ ଭାବେ ଚାକିରିରୁ ଅବସର ନେଇଛି। ଅବସର ପରେ ଲେଖାଲେଖିରେ ଏବେ ନିଜର ସମୟ ଅତିବାହିତ କରୁଛି। ଲେଖିବାର ନିଶା ମୋର ତୃତୀୟ ଶ୍ରେଣୀରୁ ଆରମ୍ଭ ହୋଇଥିଲା। କିନ୍ତୁ ନିଜ ପ୍ରତିଭାକୁ ପରିପ୍ରକାଶ କରିବାର ସେମିତି କିଛି ଖାସ୍ ସୁଯୋଗ ମୁଁ ସେବେ ପାଇ ନ ଥିଲି। ରେଭେନ୍ସାରେ ପଢିବା ପରେ ପ୍ରତିଭାର ସଦୁପଯୋଗ କରିବାର ନୂଆ ରାହା ମୋତେ ମିଳିଥିଲା। କେବଳ କବିତା କି ଗପ ନୁହେଁ ପେଣ୍ଟିଂରେ ବି ଭଲ କଲି ଏବଂ ଅଲ୍ ଇଣ୍ଡିଆ ଲେଭଲ୍‌ରେ ପେଣ୍ଟିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲି। ତା'ସହିତ କ୍ଷୁଦ୍ର ଗଳ୍ପ ପ୍ରତିଯୋଗିତା ହେଉ ଅବା ବିଭିନ୍ନ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ସବୁଥିରେ ମୁଁ ଚାମ୍ପିୟନ ହେଉଥିଲି। ୟା'ଭିତରେ ମୋର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ ହୋଇସାରିଲାଣି; ଯେଉଁଥିରେ ୨ଟି କବିତା ସଂକଳନ, ୩ଟି ଶିଶୁ ସାହିତ୍ୟ ସଂକଳନ, ୭ଟି ଉପନ୍ୟାସ, ୧୭ଟି କ୍ଷୁଦ୍ରଗଳ୍ପ ସଂକଳନ ଏବଂ ୧ଟି ଜୀବନୀ ଗ୍ରନ୍ଥ ଅନ୍ତର୍ଭୁକ୍ତ। ମୋ ଲିଖିତ ଅନେକ ପୁସ୍ତକ ଇଂଲିଶ, ବଙ୍ଗଳା ଓ ହିନ୍ଦୀ ଭାଷାରେ ମଧ୍ୟ ଅନୁବାଦ ହୋଇଛି। ସାହିତ୍ୟ କୃତି ପାଇଁ ବହୁ ପୁରସ୍କାର ଓ ସମ୍ମାନ ବି ମିଳିଛି, ହେଲେ 'ଶେଷ ଶରତ' ଉପନ୍ୟାସ ପାଇଁ ୨୦୦୯ରେ ଲାଭ କରିଥିବା ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ମୋତେ ଏକ ଭିନ୍ନ ପରିଚିତି ଆଣି ଦେଇଛି।

–ଅନ୍ୱିତା

# ଲାଜୁଆ ହସ : କେତେବେଳେ ମିଠା ତ କେତେବେଳେ ବିଷ




**ପ୍ରଶ୍ନ–**ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ? *–ବିଜୟ କୁମାର, ଢେଙ୍କାନାଳ*

**ଉତ୍ତର:** କଥାରେ ଅଛି ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣଙ୍କର ମନ ବୋଧହୁଏ ସେହି ସୁନ୍ଦରୀ ତରୁଣୀର ଲାଜୁଆ ହସରେ ବୁଡି ରହିଛି। ହେଲେ ସେହି ହସରେ ଅନେକ କଥା ଲୁଚି ରହିଥାଏ। 'ଲାଜୁଆ ହସ : କେତେବେଳେ ମିଠା ପୁଣି କେତେବେଳେ ବିଷ'। ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ–**ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ମୁଁ କ'ଣ କରିବି ?

*–ସୁଶାନ୍ତ ସାହୁ, ବଲାଙ୍ଗୀର*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢ଼ଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଝଟ୍‌କା ଦେଇ ଫୁର୍ କିନା ଉଡିଯିବେ। ତେଣୁ ବେଳ ଥାଉ ସାବଧାନ ରୁହନ୍ତୁ।

**ପ୍ରଶ୍ନ–**ପ୍ରେମ ନିଶା କେତେ ଗାଢ଼ ମୋତେ କହିବେ କି ସାଥୀ ?

*–ପ୍ରତାପ ସାହୁ, ସୁନାବେଡା*

ଉତ୍ତର : ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ । ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–**ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ବିନୋଦ କୁମାର, କେନ୍ଦ୍ରାପଡା*

**ଉତ୍ତର:** ଆପଣ କହିଥିବା ମନର କଥାକୁ ବୋଧହୁଏ ସେ ତର୍ଜମା କରୁଛନ୍ତି। କିଛି ଭଲ ହେଉ କି ମନ୍ଦ କଥା ତାହା ଆପଣଙ୍କ ସାମନାରେ ପ୍ରକାଶ କରିବାକୁ ଚାହୁଁଛନ୍ତି। ହେଲେ ବୋଧହୁଏ ତାଙ୍କର ସାହସ ହେଉନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏକଥା ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–**ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*–ପ୍ରତାପ କୁମାର, ଭୁବନେଶ୍ୱର*

**ଉତ୍ତର:**ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। ହେଲେ ତା'ପରେ କ'ଣ କରିବେ ଜାଣିପାରୁନାହାନ୍ତି, ଏଇଆ ତ ? କଥାରେ ଅଛି ସମଝଦାର୍ ଆଦମୀକୋ ଇସାରା କାଫି ହୈ'। ତେଣୁ ବିଳମ୍ବ ନ କରି ଆଗକୁ ପାଦ ପକାନ୍ତୁ। ନ ହେଲେ ଏହି ପ୍ରେମ କେତେବେଳେ ତାହାର ଗତିପଥ ବଦଳାଇ ଦେବ ତାହା ନିଜେ ଜାଣିପାରିବେ ନାହିଁ। ତେଣୁ ସମୟ ସୁବିଧା ଦେଖି ବହି ଫିଟ୍ କରିଦିଅନ୍ତୁ।







# ପୁରୁଣା ଜିନ୍ସର ନୂଆ ଲୁକ୍

**ଜିନ୍ସ ପୁରୁଣା ହୋଇଗଲେ ଅନେକେ ଏହାକୁ ଅଦରକାରୀ ଭାବି ଫୋପାଡି ଦେଇଥାନ୍ତି। କିନ୍ତୁ ସାମାନ୍ୟ ବୁଦ୍ଧି ଖଟାଇ ପାରିଲେ ଏହି ପୁରୁଣା ଜିନ୍ସକୁ ବି ପୁନର୍ବାର ବ୍ୟବହାର ଉପଯୋଗୀ କରିହେବ। ତେବେ ପୁରୁଣା ଜିନ୍ସକୁ କେମିତି ନୂଆ ଲୁକ୍ ଦେଇହେବ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

**ଶର୍ଟ୍ସ:** ଜିନ୍ସ ପ୍ୟାଣ୍ଟ ଯଦି ପୁରୁଣା ହୋଇଯାଇଥାଏ, ତା'ହେଲେ ଏହାକୁ କାଟି ଶର୍ଟ୍ସ ତିଆରି କରି ବି ପିନ୍ଧି ହୋଇପାରିବ। ଆଉ ଜିନ୍ସର ଏହି ଶର୍ଟ୍ସ ମଧ୍ୟ ଦେଖିବାକୁ ଖୁବ୍ ମଡର୍ନ ଲାଗିବ।

**ବ୍ୟାଗ୍:** ପୁରୁଣା ଜିନ୍ସ ପ୍ୟାଣ୍ଟରୁ ବିଭିନ୍ନ ଷ୍ଟାଇଲ୍‌ର ବ୍ୟାଗ୍ ବି ତିଆରି କରିହେବ। ସବୁଠୁ ବଡ଼ କଥା ହେଉଛି ଜିନ୍ସରେ ତିଆରି ବ୍ୟାଗ୍‌ଗୁଡ଼ିକ ବହୁତ ଦିନ ପର୍ଯ୍ୟନ୍ତ ଲାଷ୍ଟିଂ କରିଥାଏ।

**ନାପକିନ୍:** ମାର୍କେଟ୍‌ରେ ବିଭିନ୍ନ ଡିଜାଇନ୍‌ର ଏବଂ କଲର୍‌ର ନାପକିନ୍ ମିଳିଥାଏ। କିନ୍ତୁ ଏଥିପାଇଁ ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ। କିନ୍ତୁ ଯଦି ଘରେ ପୁରୁଣା ଜିନ୍ସ ପ୍ୟାଣ୍ଟ ଅଛି, ତା'ହେଲେ ଏଥିରୁ ବି ଯେ କୌଣସି ସାଇଜ୍‌ର ନାପକିନ୍ ତିଆରି କରି ବ୍ୟବହାର କରିହେବ।

**ଜିନ୍ସ ପକେଟ୍ ପ୍ଲେସ୍‌ମେଣ୍ଟ:** ଏଥିପାଇଁ କେବଳ ଜିନ୍ସ ପ୍ୟାଣ୍ଟର ପକେଟ୍ କାଟିବା ଆବଶ୍ୟକ ହୋଇଥାଏ। ଏହି ପକେଟ୍ ପ୍ଲେସ୍‌ମେଣ୍ଟ ଭିତରେ ପେନ୍, ପେନ୍‌ସିଲ୍ ହେଉ ଅବା ଅନ୍ୟ ଯେ କୌଣସି ଛୋଟ ଛୋଟ ଜିନିଷକୁ ଆରାମରେ ସାଇତି ରଖାଯାଇପାରେ।



**କୋଷ୍ଟର୍ସ:** ଟେବୁଲ୍ ଉପରେ ପାଣିଗ୍ଲାସ ହେଉ ଅବା ଚା' କିମ୍ବା କଫି କପ୍ ଥୋଇଲାବେଳେ ଦାଗରୁ ରକ୍ଷା ପାଇବା ପାଇଁ ଗ୍ଲାସ ଓ କପ୍ ତଳେ କୋଷ୍ଟର୍ସର ବ୍ୟବହାର କରାଯାଇଥାଏ। ଅତି ସହଜ ଉପାୟରେ ପୁରୁଣା ଜିନ୍ସରୁ ବି କୋଷ୍ଟର୍ସ ତିଆରି କରିହେବ। ଗୋଟିଏ ଜିନ୍ସ ପ୍ୟାଣ୍ଟରୁ ଅନେକ କୋଷ୍ଟର୍ସ ତିଆରି ହୋଇପାରିବ।

**କ୍ୟାଶ୍ କଭର୍:** ଟଙ୍କା ରଖିବା ପାଇଁ ପୁରୁଣା ଜିନ୍ସ ପ୍ୟାଣ୍ଟକୁ କାଟି ଏଥିରେ ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର କ୍ୟାଶ୍ କଭର୍ ତିଆରି କରିହେବ।

**ନୋଟ୍‌ବୁକ୍:** ପୁରୁଣା ଡେନିମ୍ ଜିନ୍ସକୁ ନୋଟ୍‌ବୁକ୍ କଭର୍‌ର ରୂପ ମଧ୍ୟ ଦେଇହେବ। ଆକର୍ଷଣୀୟ ଲାଗିବା ପାଇଁ ଏହି କଭର୍ ଉପରେ ବିଭିନ୍ନ ଡିଜାଇନ୍ ବି କରିହେବ।

**ଫ୍ଲୋର୍ ମ୍ୟାଟ୍:** ଜିନ୍ସରେ ତିଆରି ଫ୍ଲୋର୍ ମ୍ୟାଟ୍ ଘରକୁ ଡିଫରେଣ୍ଟ ଲୁକ୍ ଦେଇଥାଏ। ଆବଶ୍ୟକ ପଡ଼ିଲେ ପୁରୁଣା ଜିନ୍ସ ପ୍ୟାଣ୍ଟର ଅନେକ ଛୋଟ ଛୋଟ ଟୁକୁଡ଼ାକୁ ଯୋଡି ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଫ୍ଲୋର୍ ମ୍ୟାଟ୍ ତିଆରି କରିହେବ।

**ବୁକ୍‌ମାର୍କ:** ପୁରୁଣା ଜିନ୍ସ ପ୍ୟାଣ୍ଟରୁ ବିଭିନ୍ନ ଡିଜାଇନ୍‌ର ବୁକ୍‌ମାର୍କ ତିଆରି କରି ତାକୁ ବ୍ୟବହାର ମଧ୍ୟ କରିହେବ। ବିଶେଷକରି ଜିନ୍ସରୁ ତିଆରି ହାର୍ଟ ଶେପ୍, ସ୍କୋୟାର୍ ଶେପ୍, ରାଉଣ୍ଡ ଶେପ୍‌ର ବୁକ୍‌ମାର୍କ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ଇୟର ରିଙ୍ଗ୍ସ ଓ ନେକ୍‌ପିସ୍:** ନୂଆ ନୂଆ ଷ୍ଟାଇଲ୍‌ର ଜୁଏଲେରି ପିନ୍ଧିବା ଯୁବତୀଙ୍କର ଏକ ସଉକ। ଏପରିକି ଜିନ୍ସରେ ତିଆରି ଜୁଏଲେରି ବି ଆକର୍ଷଣୀୟ ଲୁକ୍ ଦେଇଥାଏ ସେମାନଙ୍କୁ। ମାର୍କେଟ୍‌ରେ ଏବେ ଏହାର ବିଭିନ୍ନ ଡିଜାଇନ୍ ମିଳୁଥିଲେ ହେଁ, ଘରେ ଯଦି ପୁରୁଣା ଜିନ୍ସ ପ୍ୟାଣ୍ଟ ଅଛି ତା'ହେଲେ ସେଥିରୁ ମଧ୍ୟ ଖୁବ୍ ସୁନ୍ଦର ସୁନ୍ଦର ଇୟର୍ ରିଙ୍ଗ୍ସ ଓ ନେକ୍‌ପିସ୍ ତିଆରି କରି ବ୍ୟବହାର କରିହେବ।







ସିଦ୍ଧିଶ୍ରୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଭବିଷ୍ୟତ କାଳ

ଶିକ୍ଷକ ରାମୁକୁ: କହିଲୁ ଦେଖି 'ବହୁତ ଜୋର୍‌ରେ ପବନ ବହି ବର୍ଷା ହେଉଛି' ଏହାର ଭବିଷ୍ୟତ କାଳ କ'ଣ ହେବ ?
ରାମୁ: ସାର୍, ଲାଇଟ୍ ପଳେଇବ।

### ଝଗଡ଼ା


ଗୋପାଳ ଜୁସ୍‌ବାଲାକୁ : ଶୀଘ୍ର ଗୋଟେ ଗ୍ଲାସ ଜୁସ୍ ଦିଅ, ଝଗଡ଼ା ଆରମ୍ଭ ହେବାକୁ ଯାଉଛି। ଜୁସ୍‌ବାଲା: ହଉ।
ଗୋଟେ ଗ୍ଲାସ୍ ପିଇବା ପରେ ଗୋପାଳ: ଆଉ ଏକ ଗ୍ଲାସ୍ ଜୁସ ଦିଅ। ଲଢ଼େଇ ଏବେ ଆରମ୍ଭ ହେବ।
ଜୁସ୍‌ବାଲା ଜୁସ୍ ଦେବାପରେ: ଆଚ୍ଛା ଭାଇ, ଝଗଡ଼ା କେବେ ଓ କାହା ସହ ହେବ ?
ଗୋପାଳ ଜୁସ୍ ପିଇବା ପରେ: ମୋ ପାଖରେ ଟଙ୍କା ନାହିଁ। ତେଣୁ ଯେତେବେଳେ ତମେ ମତେ ଟଙ୍କା ମାଗିବ ଝଗଡ଼ା ଆରମ୍ଭ ହେବ।


### ଏକୁଟିଆ

ମଣ୍ଟୁ ପିଣ୍ଟୁକୁ: ଆରେ ସାଙ୍ଗ ଏଇ କିଛିଦିନ ହେବ ମତେ ଭାରି ଏକୁଟିଆ ଏକୁଟିଆ ଲାଗୁଛି।
ପିଣ୍ଟୁ: ତୁ ଗୋଟେ କାମ କର। ଘରର ସବୁ ଲାଇଟ୍ ବନ୍ଦ କରି ହରର୍ ମୁଭି ଦେଖେ। ଦେଖିବୁ ତତେ ଜମାରୁ ଏକୁଟିଆ ଲାଗିବନି। ସବୁବେଳେ ତୋ ପାଖରେ କିଏ ଥିବା ପରି ଲାଗିବ।



# ଖରାର ସାଥୀ ଅର୍କି







**ହୀମାଚଳ ପ୍ରଦେଶସ୍ଥିତ ଏକ ଆକର୍ଷଣୀୟ ସହର ହେଉଛି ଅର୍କି। ପର୍ଯ୍ୟଟକ ଏଠାରେ ଅନେକ ଐତିହାସିକ ସ୍ମାରକୀ, ଧାର୍ମିକ ପୀଠ ତଥା ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ଦେଖିପାରିବେ। ତା'ଛଡ଼ା ଏଠାକାର ଶୀତଳ ଜଳବାୟୁ ଖରାଛୁଟି କଟାଇବା ପାଇଁ ବେଶ୍ ଅନୁକୂଳ ହୋଇଥିବାରୁ ଅନେକେ ଅର୍କିକୁ ଖରାର ସାଥୀ ବୋଲି ବି କହିଥାନ୍ତି ...**

ହୀମାଚଳ ପ୍ରଦେଶର ସୋଲାନ୍ ଜିଲା ଅନ୍ତର୍ଗତ ଏକ ଛୋଟ ସହର ହେଉଛି ଅର୍କି। ଏହା ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ମଧ୍ୟ ଜଣାଶୁଣା। କାରଣ ଏଠାରେ ଦେଖିବାକୁ ମିଳିଥାଏ ଅନେକ ଐତିହାସିକ ସ୍ମାରକୀ, ଧାର୍ମିକ ପୀଠ, ଦୁର୍ଗ ଇତ୍ୟାଦି। ତେବେ କେବଳ ପର୍ଯ୍ୟଟନ ଦୃଷ୍ଟିକୋଣରୁ ନୁହେଁ, ଏଠାକାର ଶୀତଳ ଜଳବାୟୁ ବି ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। କାରଣ ଅର୍କିଠାରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ଶିମ୍‌ଲା, ଯାହାକୁ ଦିନେ ବ୍ରିଟିଶ ରାଜ୍ୟର ଗ୍ରୀଷ୍ମକାଳୀନ ରାଜଧାନୀ ଭାବେ ଘୋଷଣା କରାଯାଇଥିଲା। ସେଥିପାଇଁ ଶିମ୍‌ଲା ଓ ଅର୍କିର ଜଳବାୟୁ ପ୍ରାୟତଃ ସମାନ ରହିଥାଏ। ବିଶେଷକରି ଖରାଦିନେ ଏଠାକାର ପାଣିପାଗ ବେଶ୍ ଆରାମଦାୟକ ରହୁଥିବାରୁ ପର୍ଯ୍ୟଟକଙ୍କର ଏଠାରେ ଖୁବ୍ ଭିଡ଼ ଜମେ।

### କେବେ ଯିବେ

ବର୍ଷତମାମ୍ ଅର୍କିର ଜଳବାୟୁ ବେଶ୍ ଅନୁକୂଳ ରହିଥାଏ। ମାର୍ଚ୍ଚରୁ ଜୁନ୍ ଏଠାରେ ଗ୍ରୀଷ୍ମଋତୁ ଚାଲିଥିବାବେଳେ ଜୁଲାଇରୁ ଅଗଷ୍ଟ ବର୍ଷା ଏବଂ ନଭେମ୍ବରରୁ ଫେବୃୟାରୀ ଶୀତ ଅନୁଭୂତ ହୋଇଥାଏ। ଖରା ଓ ବର୍ଷା ତୁଳନାରେ ଏଠାରେ ଶୀତ ଟିକେ ଅଧିକ ଜଣାପଡେ। ଏହି ସମୟରେ ଏଠାକାର ସର୍ବାଧିକ ତାପମାତ୍ରା ୮ ଡିଗ୍ରୀ ରହୁଥିବାବେଳେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ। ସେହିପରି ଖରାଦିନେ ମଧ୍ୟ ଏଠାରେ ସେତେ ଗରମ ଅନୁଭୂତ ହୁଏ ନାହିଁ। ଶୀତଳ ପବନ ସାଙ୍ଗକୁ ସ୍ୱଚ୍ଛ ପରିବେଶ ଏଠାକାର ପାଣିପାଗକୁ ଖରାଦିନେ ବି ବେଶ୍ ମନୋଲୋଭା କରି ଦେଇଥାଏ। ସେଥିପାଇଁ ଖରାଦିନେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳେ।

### କେମିତି ଯିବେ


ଅର୍କିଠାରୁ ପ୍ରାୟ ୩୮ କି.ମି ଦୂରରେ ଥିବା ଶିମ୍‌ଲାକୁ ଦେଶର ବିଭିନ୍ନ ସ୍ଥାନରୁ ବସ୍, ଟ୍ରେନ୍ ତଥା ବିମାନ ଚଳାଚଳ କରିଥାଏ। ତେବେ ପ୍ରାୟ ୭୨ କି.ମି. ଦୂରରେ ଥିବା କାଲ୍‌କା ରେଲୱେ ଷ୍ଟେଶନ ହେଉଛି ଅର୍କିର ନିକଟତମ ତଥା ପ୍ରମୁଖ ରେଳଷ୍ଟେଶନ, ଯେଉଁଠାକୁ ଦେଶର ବଡ଼ ବଡ଼ ସହରରୁ ଟ୍ରେନ୍ ଚଳାଚଳ କରିଥାଏ। ସେହିପରି ଶିମ୍‌ଲା ଏୟାରପୋର୍ଟ ହେଉଛି ଅର୍କିର ନିକଟବର୍ତ୍ତୀ ବିମାନବନ୍ଦର, ଯେଉଁଠାରୁ ଅର୍କିକୁ ଯିବାପାଇଁ ପର୍ଯ୍ୟଟକଙ୍କୁ ସୁବିଧାରେ ଟ୍ୟାକ୍ସି ବି ମିଳିଯାଏ।

### କ'ଣ ଦେଖିବେ

**ଅର୍କି ଦୁର୍ଗ ଓ ଅର୍କି ପ୍ରାସାଦ:** ଏହା ହେଉଛି ଅର୍କିର ଦୁଇ ପ୍ରମୁଖ ଐତିହାସିକ ସ୍ମାରକୀ। ସୂଚନାନୁଯାୟୀ, ରାଣା ପୃଥ୍ୱୀ ସିଂହଙ୍କ ଦ୍ୱାରା ୧୬୯୫ରୁ ୧୭୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅର୍କି ଦୁର୍ଗଟି ନିର୍ମିତ ହୋଇଥିଲା। ଏହି ଦୁର୍ଗଟିର ନିର୍ମାଣଶୈଳୀ ଉଭୟ ରାଜ୍‌ପୁତ୍ ଓ ମୋଗଲମାନଙ୍କ କାରୁକାର୍ଯ୍ୟକୁ ଅନୁକରଣ କରି କରାଯାଇଥିଲା। ବିଶେଷକରି ଏହି ଦୁର୍ଗରେ ହୋଇଥିବା ପହରି ଶୈଳୀର ୱାଲ୍ ପେଣ୍ଟିଂ ବେଶ୍ ଆକର୍ଷକ ଲାଗୁଥିଲା ; ଯେଉଁଥିରେ ମୁଖ୍ୟତଃ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଜୀବନଶୈଳୀକୁ ପେଣ୍ଟିଂ ମାଧ୍ୟମରେ ଦର୍ଶାଇବାକୁ ପ୍ରୟାସ କରାଯାଇଥିଲା। ଏତେ ବର୍ଷ ପରେ ମଧ୍ୟ ଏହି ପେଣ୍ଟିଂର କିଛି କିଛି ଛାପ ଏବେ ବି ଦେଖିବାକୁ ମିଳେ। ସେହିପରି ରାଣା ପୃଥ୍ୱୀ ସିଂହଙ୍କର ଅନ୍ୟ ଏକ ଅବଦାନ ଥିଲା ଅର୍କି ପ୍ରାସାଦକୁ ନିର୍ମାଣ କରିବାରେ। ଏହି ପ୍ରାସାଦର ମଧ୍ୟ ଅନେକ ବିଶେଷତ୍ୱ ରହିଛି। ବିଶେଷକରି ଏହାର କାନ୍ଥଗୁଡ଼ିକରେ ଅଙ୍କିତ ହୋଇଥିବା ବିଭିନ୍ନ ପ୍ରକାରର ନୀତିଶିକ୍ଷା ସମ୍ବଳିତ ଚିତ୍ରସବୁ ଏବେ ବି ଦର୍ଶକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

**ଦେବଦେବୀ ମନ୍ଦିର:** ଅର୍କିରେ ଅନେକ ଧାର୍ମିକ ପୀଠମାନ ଦେଖିବାକୁ ମିଳିଥାଏ। ବିଶେଷକରି ଲୁଟ୍‌ରୁ ମହାଦେବ ମନ୍ଦିର, ଭଦ୍ରକାଳୀ ମନ୍ଦିର, ବନଦୁର୍ଗା ମନ୍ଦିର, ମଟ୍‌ରୁ ମହାଦେବ ମନ୍ଦିର, ସଖନୀ ମନ୍ଦିର ତଥା ଲକ୍ଷ୍ମୀନାରାୟଣ ମନ୍ଦିର ଆଦି ହେଉଛି ଅର୍କିର କେତେକ ପ୍ରମୁଖ ଦେବଦେବୀସ୍ଥଳୀ। ଅର୍କିଠାରୁ ମାତ୍ର ୪ କି.ମି ଦୂରରେ ଥିବା ଲୁଟ୍‌ରୁ ମହାଦେବ ମନ୍ଦିରଟି ଦେବଦେବ ମହାଦେବଙ୍କୁ ସମର୍ପିତ। ଏଠାରେ ମହାଶିବରାତ୍ରୀ ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ସେହିପରି ଦୁର୍ଗା ମନ୍ଦିରଟିର ନିର୍ମାଣଶୈଳୀ ଶିଖର ଷ୍ଟାଇଲ୍‌ରେ ହୋଇଥିବାରୁ ଏହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ। ଅନ୍ୟପକ୍ଷେ ସଖନୀ ମନ୍ଦିରଟି ଟିକେ ଉଚ୍ଚ ସ୍ଥାନରେ ଅବସ୍ଥିତ ହୋଇଥିବାରୁ ଏଠାକୁ ପର୍ଯ୍ୟଟକ ବୁଲିଗଲେ ଚତୁଃପାର୍ଶ୍ୱର ଆକର୍ଷଣୀୟ ଦୃଶ୍ୟ ଦେଖି ବେଶ୍ ବିମୋହିତ ହୋଇଯାଇଥାନ୍ତି।

କେବଳ ଏତିକି ନୁହେଁ, ଅର୍କିର ନିକଟବର୍ତ୍ତୀ ଅଞ୍ଚଳରେ ଧୁନ୍‌ଦାନ୍, ବଖଲାଗ୍, ଶିବ ଗୁମ୍ଫା, ମଞ୍ଜୁ ଖଡ୍, ଦର୍ଲାଘାଟ, କୁନି ଖାଡ୍ ନାମରେ ଅନ୍ୟ କେତେକ ଦର୍ଶନୀୟ ସ୍ଥାନ ମଧ୍ୟ ରହିଛି, ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନଲୋଭା ହୋଇଥାଏ।



# କୁନି ଝିଅର କୁମ୍ଭୀର ସାଥୀ

ପୋଷା ଜୀବଜନ୍ତୁ ରଖିବାକୁ ଅନେକେ ଭଲ ପାଆନ୍ତି। କିଏ କୁକୁର, ବିଲେଇ ତ କିଏ ଶୁଆ, ସାରୀ ପରି ଚଢେଇ ରଖନ୍ତି। ହେଲେ ନିକଟରେ ଏକ କୁନି ଝିଅ ନିଜ ପେଟ୍‌ର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଚର୍ଚ୍ଚା ଜୋର୍ ଧରିଛି। କାରଣ କୁନି ଝିଅଟି ନିଜର ପୋଷା କୁମ୍ଭୀର ସହ ଫଟୋ ପୋଷ୍ଟ କରିଛି। ସେପୁଣି ଗୋଟେ କି ଦୁଇଟି ନୁହେଁ, ବରଂ ୬ଟି କୁମ୍ଭୀରକୁ ଏହି ଝିଅଟି ଘରେ ପୋଷିଛନ୍ତି। ଆଉ ଏହି କୁମ୍ଭୀରଗୁଡିକୁ ସେ କୁକୁର ପରି ବ୍ୟବହାର କରନ୍ତି। ଏହି ସାହସୀ ଝିଅଟିର ନାଁ ହେଉଛି ସାଶିମି। ତାଇଓ୍ୱାନରେ ରହୁଥିବା ସାଶିମିଙ୍କ ଘରେ କୁମ୍ଭୀର ଗୁଡିକ ଖୋଲାରେ ବୁଲନ୍ତି। ପ୍ରଥମ କୁମ୍ଭୀରକୁ ସେ ତାଇଓ୍ୱାନର ଏକ ବ୍ରିଡରଠାରୁ କିଣିଥିଲେ। ଏହାପରେ ତାଙ୍କର କୁମ୍ଭୀରଙ୍କ ପ୍ରତି ଭଲ ପାଇବା ବଢିଗଲା। ତେଣୁ ଆଉ ୫ଟି କୁମ୍ଭୀର ଆଣିଲେ। ଆଜି ପର୍ଯ୍ୟନ୍ତ କୌଣସି କୁମ୍ଭୀର ତାଙ୍କର କିଛି କ୍ଷତି କରି ନାହାନ୍ତି। ତାଙ୍କର ଫିଲ ନାମକ ଏକ କୁମ୍ଭୀର ତ ସାଶିମିଙ୍କର ଜିନିଷ ସବୁବେଳେ ଲୁଚାଇ ନେଇଯାଏ। ଆଉ ସେ ଧରାପଡିଗଲେ କୁକୁରଙ୍କ ଭଳି ଦୌଡି ଦୌଡି ପଳାଏ ଓ ଲୁଚିଯାଏ। ସାଶିମି କୁମ୍ଭୀରଙ୍କ ପାଇଁ ଏକ ବେଡରୁମ୍ କରି ଗଦି, ତକିଆ ରଖିଛନ୍ତି, ଯାହା ଉପରେ କୁମ୍ଭୀରମାନେ ଶୋଇଥାନ୍ତି। ସାଶିମି ଏଇ କୁମ୍ଭୀରଙ୍କ ସହ ଖେଳନ୍ତି ଓ ତାଙ୍କୁ ଗେଲ ବି କରନ୍ତି। ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଛନ୍ତି।








# ବିନା ଡ୍ରାଇଭର୍‌ରେ ଚାଲିବ ବସ୍

ପବ୍ଲିକ ଟ୍ରାନ୍ସପୋର୍ଟରେ ବସ୍ ସବୁଠୁ ବିଶ୍ୱସନୀୟ। ଏଥିରେ ଯାତାୟାତ କରିବାକୁ ଲୋକେ ବେଶି ପସନ୍ଦ କରନ୍ତି। ତେବେ ଡ୍ରାଇଭର୍‌ଙ୍କ ଉପରେ ନିର୍ଭର କରିଥାଏ ବସ୍ ଯାତ୍ରୀଙ୍କ ସୁରକ୍ଷା। ଡ୍ରାଇଭର୍‌ଙ୍କ ଟିକେ ଅବହେଳା ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଆଣିପାରେ। ହେଲେ ଜାଣି ଖୁସି ହେବେ ଏବେ ଆସିଛି ବିନା ଡ୍ରାଇଭର୍‌ରେ ଚାଲିପାରୁଥିବା ବସ୍। ଏହି ବସ୍‌ରେ ଦୁର୍ଘଟଣା ହେବା ଆଶଙ୍କା ବି ରହିବନି। ଟେସ୍‌ଲା କାର୍ କମ୍ପାନୀର ଆଡଭାନ୍ସ ସେଲ୍ଫ ଡ୍ରାଇଭିଂ ଟେକ୍ନୋଲୋଜିଠାରୁ ପ୍ରେରଣା ପାଇ ଷ୍ଟେଜକୋଚ୍ ନାମକ ବସ୍ କମ୍ପାନୀ ଟ୍ରାନ୍ସପୋର୍ଟ ସ୍କଟଲାଣ୍ଡ ସହ ମିଶି ଏହି ବସ୍ ଲଞ୍ଚ୍ କରିବାକୁ ଯାଉଛି। ଏଥିରେ ସ୍ମାର୍ଟ ସେନ୍ସର ଲାଗିଛି। ତେଣୁ ଏହା ବିନା ଡ୍ରାଇଭର୍‌ରେ ଚାଲିପାରିବ। ଆଉ ୟୁ.କେ.ରେ ପ୍ରଥମ କରି ଏହି ବସ୍ ରାସ୍ତାରେ ଗଡିବ। କେବଳ ସିଙ୍ଗଲ ଡେକର୍ ବସ୍‌ରେ ହିଁ ଏହି ଟେକ୍ନୋଲୋଜିର ବ୍ୟବହାର ହୋଇଛି। ବସ୍‌ର ରୁଟ ୧୪ ମାଇଲ୍‌ର ରହିବ। ଗୋଟିଏ ଟ୍ରିପ୍‌ରେ କେବଳ ୩୬ ଜଣ ହିଁ ଯାଇପାରିବେ।

## କାର୍ଟୁନ କର୍ନର



# ଯେତେ ଦେଖୁଥିଲେ ନୂଆ ଦିଶୁ ଥାଇ



**କଥା ଚାଟ୍**

– ଓଁ ଅଭିଜ୍ଞାନ ସାହୁ

ସନ୍ଧ୍ୟାରେ ଅଫିସରୁ ଥକା ଥକା ପତି ଘରକୁ ଫେରି ଦେଖିଲେ ପତ୍ନୀ ମୁହଁ ଫୁଲେଇ ବସିଛନ୍ତି । ପତିଙ୍କ ମୁଣ୍ଡରେ ଅନେକ ଆତଙ୍କର ଭାବନା ଏକ ସମୟରେ ଖେଳିଗଲା । କ'ଣ ଆଜି କାମବାଲୀ ମାଉସୀ ଦୁଇତିନି ଦିନ ଛୁଟି ମାଗିଛନ୍ତି କି ? ପଡ଼ିଶା ଘର ଭାଉଜ ନୂଆ ଶାଢ଼ି କି ଲାଟେଷ୍ଟ ଡିଜାଇନର ଗହଣା କିଣି ଘରମଣିଙ୍କୁ ଦେଖେଇଛନ୍ତି କି ? କିଏ କିଛି କହି ଘରେ ନିଆଁ ଜାଳିବାକୁ ଉହ୍ଲେଇ ସଜେଇ ଯାଇଛି କି ? କାରଣ ପତିଦେବ ଜାଣନ୍ତି ଯେଉଁଠି ଘଟୁ ଯାହା ବି ଘଟୁ ସେ ସବୁ ବୁଲି ବୁଲି ଆସି ତାଙ୍କରି ପାଖରେ ସରେ । ତାଙ୍କୁ ହିଁ ଚାଳିଶ କି ଷାଠିଏ ନୁହେଁ ଶହେ ପ୍ରତିଶତ ଦୋଷୀ ହେବାକୁ ପଡ଼େ ।

ଅତ୍ୟନ୍ତ ସନ୍ତର୍ପଣରେ ପତ୍ନୀଙ୍କ ପାଖକୁ ଆସି ଧୀରେ ପଚାରିଲେ, କ'ଣ ହେଲା ? ଏମିତି କାହିଁକି ମୁହଁ ଫୁଲେଇ ବସିଛ ? ଅଫିସରୁ ଫେରି ତୁମ ହସ ହସ ମୁହଁ ଦେଖିଲେ ମୋତେ ଭାରି ଭଲ ଲାଗେ । ମୋ ମେହେନତି ଦିନଟି ପୂରିଗଲା ଭଳି ଲାଗେ । ତୁମେ ନିଜେ ଜାଣନି ତୁମେ ହସିଲେ କେଡ଼େ ଭଲ ଦିଶ । ଆଉ ଅଧିକ ନାଟକ କି ଫିଲ୍ମ ଡାଏଲଗ ମନେ ପକେଇ ପକେଇ କହିଲା ବେଳକୁ ପତିଙ୍କ କଥା ମଝିରୁ ଅଟକେଇ ପତ୍ନୀ ମୁହଁ ଛିଞ୍ଚାଡି କହିଲେ, ନିଆଁ ଲାଗୁ ମୋ ହସକୁ , ମୋ ମୁହଁକୁ । ତୁମେ ଭାବୁଛ କି ତୁମ କପଟ ମୋତେ ଅଜଣା ? ତୁମେ ମୋତେ ଆଦୌ ଭଲ ପାଅନି। ଚୋର ମନ ଚୋର ଗଣ୍ଠିଲିରେ । କେଉଁ ସିକ୍ରେଟ ଷ୍ଟୋରି ଗୃହିଣୀ ଜାଣିଦେଲେ ତାଙ୍କର !

– 'କାହିଁକି ? କ'ଣ ଭୁଲ କରିଦେଲି କି ?' ପତି ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

– ଆଚ୍ଛା କୁହ ତ ଶାଢ଼ିରେ ମୁଁ ଭଲ ଦିଶେ ବୋଲି ସବୁବେଳେ କୁହ କି ନାହିଁ ?

– ହଁ ତୁମେ ଶାଢ଼ିରେ, ଡ୍ରେସ୍‌ରେ ସବୁଥିରେ ଭଲ ଦିଶ ।

– ତେବେ ତୁମେ ଆଜି କାହିଁକି ଶାଢ଼ିପିନ୍ଧି ଉଠେଇଥିବା ମୋ ପ୍ରୋଫାଇଲ ଫଟୋରେ କମେଣ୍ଟ ଦେଇନ ? କମେଣ୍ଟ ନ ଦେଲ ନାହିଁ ହେଲେ ଲଭ୍ ଚିହ୍ନଟେ ଦେବାକୁ କ'ଣ ହାତ ଅଚଳ ହୋଇଗଲା ? ଆଜିକା ଦିନରେ ଟାମେଲି ଭାଉଜଙ୍କୁ , ମୋ ସାଙ୍ଗ ସିନିକୁ, ତୁମ କଲେଜ ଦିନର ଝିଅ ସାଙ୍ଗମାନଙ୍କୁ ତ କେଡ଼େ କେଡ଼େ ଲମ୍ବା କମେଣ୍ଟ ନାଚି ଦେଉଛ, ମୋ ବେଳକୁ ତୁମ ହାତ କେମିତି ଅଟକି ଯାଏ କେଜାଣି !

-- ଆରେ, ଅଫିସରେ ଟିକେ ବ୍ୟସ୍ତ ଥିଲି । ତୁମ ପାଇଁ ସ୍ପେଶାଲ କିଛି ଲେଖିବି ବୋଲି ଭାବୁଥିଲି । ପତି ଟିକେ ଗେହ୍ଲେଇ ହୋଇ କହିଲେ ।

-- ରଖ ମ ସେ ସୁଆଗ । ପୋଡ଼ାମୁହିଁମାନେ ପ୍ରୋଫାଇଲ ଫଟୋ ଚେଞ୍ଜ କରୁ କରୁ ପରା ତୁମ ଆଖି ସେଥିରେ ଲାଖିଥାଏ । ମୋ ବେଳକୁ ଅଫିସ କାମ । ମୋ ଭାଗ୍ୟ ସେମିତି । ତୁମକୁ କହିବା ଯାହା କାନ୍ଥ ପଥରକୁ କହିବା ସେଇଆ । ଛାଡ଼ !



ପତି ବିରକ୍ତ ହୋଇ କହିଲେ, ତୁମେ ଯଦି ସପ୍ତାହକୁ ସାତ ଥର ପ୍ରୋଫାଇଲ ଫଟୋ ଚେଞ୍ଜ କରିବ କାହାର କାମଧନ୍ଦା ନାହିଁ ବସିକି ତୁମ ପ୍ରୋଫାଇଲ ଫଟୋରେ କମେଣ୍ଟ ଦେଉଥିବ !

-- ଆଚ୍ଛା, ସ୍ତ୍ରୀର ଖୁସି ପାଇଁ ତା' ପ୍ରୋଫାଇଲ ଫଟୋରେ କମେଣ୍ଟ ଦେଲାବେଳକୁ କାମ ଧନ୍ଦା ମାଡିବସୁଛି । ବାହାବେଦିରେ ଅଗ୍ନି ଆଗରେ ତୁମେ ଶପଥ କରିଥିଲ ଟି ସ୍ତ୍ରୀକୁ ସବୁ ଖୁସି ଦେବାକୁ ?

--- ଏଇଥିପାଇଁ ସମସ୍ତେ ଅଗ୍ନି ପାଖରେ ଶପଥ କରନ୍ତି କାରଣ ସେ ସବୁ ଶପଥକୁ ପୋଡି ଭସ୍ମ କରିବା ପାଇଁ ଅଗ୍ନି ଖୋଜିବାରେ ଯେମିତି ଅଯଥା ସମୟ ନଷ୍ଟ ନ ହୁଏ । ହୋମରେ ଜଳୁଥିବା ଅଗ୍ନି ଠିକ୍ ଜାଣିଛି ବେଦିରେ ବସିଥିବା ପୁଅ ଯେଉଁ 'ଅଗ୍ନି'ର ହାତ ଧରି ଘରକୁ ନେଉଛି ତା ଜ୍ୱଳନ ଶକ୍ତି ଆଗରେ ସେ କିଛି ନୁହେଁ । ଆଉ ଏ ବାହାଘରର ପ୍ରତିଶ୍ରୁତି କଥା ଏବେ କାହିଁକି ଉଠୁଛି ଟିକେ ଶୁଣେ ତ ? ସେତେବେଳେ କେଉଁ ଫେସ୍ ବୁକ୍ ଥିଲା ନା ତୁମର ଏଇ ଡ୍ରିମ୍‌ୱାର୍ଲଡରେ ତୁମର ଯାବତୀୟ ପୋଷ୍ଟ ଉପରେ ମୁଁ ସୁନ୍ଦରିଆ କମେଣ୍ଟ କରିବି ବୋଲି ଅଗ୍ନି ଆଗରେ ଶପଥ ନେଇଥିଲି ?

-- ହଉ ହେଲା ମୁଁ ପ୍ରୋଫାଇଲ ଫଟୋ ଚେଞ୍ଜ କରି ମସ୍ତବଡ଼ ଭୁଲ୍ କରିଛି । ହେଲେ ତୁମେ ଯଦି ସେଥିରେ ଗୋଟେ ଭଲ କମେଣ୍ଟ ଲେଖିଦେଇଥା'ନ୍ତ କ'ଣ ତୁମ ହାତ ଛିଣ୍ଡି ଯାଉଥିଲା । ମୋ ପ୍ରୋଫାଇଲ ଫଟୋ ଦେଖି କମେଣ୍ଟ କରିବାକୁ କ'ଣ ଲୋକ କମ୍ ଅଛନ୍ତି କି ? ଗୋଟିଏ କମେଣ୍ଟ ଅଧିକ ହୋଇଥା'ନ୍ତା ବୋଲି ତୁମକୁ କହିବା କଥା ନଚେତ ତୁମ କମେଣ୍ଟକୁ କିଏ ପଚାରେ ? ପତି ଏବେ ନରମି ଯାଇ କହିଲେ, ମୁଁ ଆଜି ଲଞ୍ଚ ଟାଇମ୍‌ରେ ତୁମ ନୂଆ ପ୍ରୋଫାଇଲ ଫଟୋ ଦେଖିଥିଲି ।

ଘରକୁ ଗଲେ ଭାବି ଭାବି ଗୋଟେ ସୁନ୍ଦରିଆ କମେଣ୍ଟ ଲେଖିବି ବୋଲି ଅପେକ୍ଷା କରିଥିଲି । ଯାହା କୁହ ଆଜିର ଏ ପ୍ରୋଫାଇଲ ଫଟୋ ଝକାସ୍ ହେଇଛି ।

-- ଥାଉ ବେଶି ଭାବି ଭାବି ମୁଣ୍ଡକୁ ପ୍ରେସର୍ ଦେବା ଆଉ ଦରକାର ନାହିଁ । ସନ୍ଧ୍ୟାରେ ସେ ଫଟୋ ଚେଞ୍ଜ କରିସାରିଲିଣି । ଏବେ ଆଉ ଗୋଟେ ନୂଆ ପ୍ରୋଫାଇଲ ଫଟୋ ଦେଇଛି । ସେଇଟାକୁ ଦେଖି ଏବେ ଭଲରେ ଲେଖ ।

-- କ'ଣ ହେଲା ? ଖରାବେଳ ଫଟୋ ସନ୍ଧ୍ୟାକୁ ନାହିଁ ! ସେଇଟା ବି ଚେଞ୍ଜ ହେଇଗଲାଣି ? ଲୋକ ତାଙ୍କ ଅନ୍ତଃବସ୍ତ୍ର ସେତିକିଥର ବଦଳଉ ନ ଥିବେ ଯେତେଥର ତୁମ ପ୍ରୋଫାଇଲ ଫଟୋ ବଦଳୁଛି ! ଘରେ ବସି ବସି ଭଲ ଧନ୍ଦାଟିଏ ପାଇଛ ଯାହା ।

ହଠାତ ସ୍ତ୍ରୀ ଖୁସିରେ ଚିଲେଇଲା ଭଳି କହିଲେ, ହେଇ ଦେଖୁଛ ତୁମ ଡାଇରେକ୍ଟର କେତେ ପ୍ରଶଂସା ଅଜାଡ଼ି ଦେଇଛନ୍ତି ମୋ ଫଟୋରେ । ଯାହା କୁହ ଲୋକଜଣଙ୍କ ଖୁବ୍ ରୋମାଣ୍ଟିକ । ଇମ୍ପ୍ରେସ କେମିତି କରାଯାଏ ତାଙ୍କୁ ଭଲଭାବେ ଜଣା । ପେଟ ଭିତରୁ ଶୁଦ୍ଧ ଅଶୁଦ୍ଧ ଗାଳି ଡାଇରେକ୍ଟର ସାର୍‌ଙ୍କ ଉଦ୍ଦେଶ୍ୟରେ ବାହାରୁ ବାହାରୁ ବିକଳ ହୋଇ ପତିଦେବ କହିଲେ, ଟା ଟିକେ ମିଳୁ । ମୁଣ୍ଡଟା ଖୁବ୍ ବିନ୍ଧୁଛି ।

--- ଟିକେ ଅପେକ୍ଷା କର । ମୁଁ ଆଗ ଆସିଥିବା କମେଣ୍ଟରେ ରିପ୍ଲାଏ ଦେଇସାରେ ।

ବିଚରା ପତି ମୁଣ୍ଡରେ ଅମୃତାଞ୍ଜନ ଘଷୁ ଘଷୁ ଦେଖୁଥିଲେ ପତ୍ନୀ ତାଙ୍କ ନୂଆ ପ୍ରୋଫାଇଲ ଫଟୋରେ ଆସିଥିବା ସବୁ ବିଉଟିଫୁଲ୍ କମେଣ୍ଟର ରିପ୍ଲାଏରେ ଲଭ ଚିହ୍ନ ମାରୁଛନ୍ତି ।

*– ବନମାଳୀ ଭବନ, ଖାନ୍‌ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### କବନ୍ଧର କାବ୍ୟଲେଖ

**(ଏକଗୁଚ୍ଛ କବିତା)**

**ଲେଖକ –ରଂଜନ କୁମାର ଦାସ**

**ପ୍ରକାଶକ–କାହାଣୀ, କଟକ, ମୂଲ୍ୟ–୧୫୦ଟଙ୍କା**

କବନ୍ଧର କାବ୍ୟଲେଖ କବି ରଂଜନ କୁମାର ଦାସଙ୍କ କବିତା ସଂକଳନ। ଏଥିରେ ୫୧ଟି କବିତା ସ୍ଥାନ ପାଇଛି। କବିତାଗୁଡିକ ଯେତିକି ସୁଖପାଠ୍ୟ ସେତିକି ଜୀବନଧର୍ମୀ। ଲେଖକ ଯାଜପୁରରେ ଜିଲାପାଳ ଥିବା ବେଳେ ବୋଧହୁଏ 'ଯାଜପୁର' ବୋଲି ଏକ କବିତା ଲେଖିଛନ୍ତି । ଯାହା ସଂକଳନଟିରେ ସ୍ଥାନୀତ ହୋଇଛି। ମୁଁ ବି କ'ଣ ଜାଣିଥିଲି/ସେଠିକି ଗଲେ କ୍ଷତି କ'ଣ/ନ ଗଲେ ଲାଭ କ'ଣ ?/ମୋର ବା କୋଉ ଜମିବାଡି ହରେଇବାର ଭୟଥିଲା/ ନା ଥିଲା କିଛି ଦାନ ଦକ୍ଷିଣା ପାଇବାର ଲୋଭ ? ?/ମୋର ଡରିବାର କିଛି ହିଁ କାରଣ ନ ଥିଲା । କବିତାରେ ନାହିଁ କାହାକୁ ଭୟ ବା ଲୋଭରେ ପୂଜା କିଛି ଆଣିବାର ଆଶା । ସେ ନିର୍ଭିକ ଭାବେ କିଭଳି ନିଜ କର୍ତ୍ତବ୍ୟ ପାଳନ କରିଥିଲେ ତାହା ଧାଡିଗୁଡିକରୁ ବୁଝା ପଡୁଛି। ତେଣୁ ରଂଜନଙ୍କ ଲେଖା ସବୁବେଳେ ସ୍ୱତନ୍ତ୍ର ଓ ସମାଜଧର୍ମୀ। ଯେଉଁଥିରେ ଥାଏ ସାମାଜିକ ଚିନ୍ତା ଚେତନାର ବାର୍ତ୍ତା । ତେଣୁ ରଂଜନଙ୍କ 'କବନ୍ଧର କାବ୍ୟଲେଖ' ପୁସ୍ତକ ନିଶ୍ଚୟ ତାର ସ୍ୱତନ୍ତ୍ରତା ବଜାୟ ରଖିବ ଏଥିରେ ସନ୍ଦେହ ନାହିଁ।




### ଅସରନ୍ତି ଯାତ୍ରା


**କବି ନିରାକାର ଦାସ**

**ପ୍ରକାଶିକା–ହରପ୍ରିୟା ମହାନ୍ତି**

**ପ୍ରାଚୀତାରା ପ୍ରକାଶନୀ, ଭୁବନେଶ୍ୱର,**

**ମୂଲ୍ୟ–୧୫୦ଟଙ୍କା**

ଅସରନ୍ତି ଯାତ୍ରା କବି ନିରାକାର ଦାସଙ୍କ କବିତା ପୁସ୍ତକ । ଏଥିରେ ୫୦ଟି କବିତା ରହିଛି। ଏହା ତାଙ୍କ କବି ସତ୍ତାର ଆଉ ଏକ କୋମଳ ଉନ୍ମୀନଳ। ପ୍ରଗତିଶୀଳ ଚେତନାର ସମର୍ପିତ କବି ପ୍ରଚଳିତ ସମାଜ ବ୍ୟବସ୍ଥା ବିରୋଧରେ ଏକ ନୂଆ ଦିଶା ଦେଇଛନ୍ତି ତାଙ୍କ କବିତା ମାଧ୍ୟମରେ। ସକାଳର ପ୍ରତୀକ୍ଷାରେ ତାଙ୍କର ଅଧିକାଂଶ କବିତା ମୁଖର ହେଲେ ମଧ୍ୟ ପ୍ରେମ ଯେ, ମଣିଷ ଜୀବନର ଏକ ମହାର୍ଘ ବିଭବ, ଏକଥା ସେ ପ୍ରକାଶ କରିଛନ୍ତି। ପ୍ରେମ ସରେନାହିଁ କି ମରେନାହିଁ। ହୃଦୟର କୋଉ ଅଥଳ ଗଭୀରରେ ତାହା କ୍ଷତାକ୍ତ କରୁଥିଲେ ବି ତାହା ମହମହ ହୋଇ ବାସୁଥାଏ ଚିରକାଳ। କବିଙ୍କ ପାଇଁ ପ୍ରେମ ଏକ ତ୍ୟାଗପୁତ ପ୍ରାର୍ଥନା। ବିଦ୍ରୋହ ଓ ପ୍ରେମକୁ ନେଇ ନିରାକାରଙ୍କ 'ଅସରନ୍ତି ଯାତ୍ରା'। ତାର ବିଲୟ ନାହିଁ କି କ୍ଷୟ ନାହିଁ। ଏହା ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ ।




### ଅରବିନ୍ଦାୟନ


**ଡକ୍ଟର ଅରବିନ୍ଦ ପଟ୍ଟନାୟକ ସାରସ୍ୱତ ସୌନ୍ଦର୍ଯ୍ୟ ଓ ସୌରଭ**

**ସମ୍ପାଦନା–ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**

**ପ୍ରକାଶକ–ଅନନ୍ୟ ପ୍ରକାଶନ, କଟକ**

**ମୂଲ୍ୟ–୩୮୦ଟଙ୍କା**

ଅରବିନ୍ଦାୟନ ସମ୍ପାଦନା କରିଛନ୍ତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ । ଏଥିରେ ଅନେକ ପ୍ରବୀଣ ଲେଖକମାନଙ୍କର ଲେଖା ପ୍ରକାଶିତ ହୋଇଛି। ଯାହା ଅରବିନ୍ଦ ପଟ୍ଟନାୟକଙ୍କ ଲେଖା ଓ ସାହିତ୍ୟ କୃତୀ ଉପରେ ପର୍ଯ୍ୟବସିତ। ଅରବିନ୍ଦ ପଟ୍ଟନାୟକ ଲୋକ ସାହିତ୍ୟ ଗବେଷକ ଭାବେ ସ୍ୱତନ୍ତ୍ର ଆସନର ଅଧିକାରୀ। ମାତ୍ର ତାଙ୍କ ସାରସ୍ୱତ ସାମ୍ରାଜ୍ୟ ବିବିଧତାରେ ପରିପୂର୍ଣ୍ଣ। ସୃଜନଶୀଳ ସାହିତ୍ୟ ରଚନାଠାରୁ ଗବେଷଣାଧର୍ମୀ ଲେଖା ପର୍ଯ୍ୟନ୍ତ ତାଙ୍କ ସୃଜନ ସାମ୍ରାଜ୍ୟ ପରିବ୍ୟାପ୍ତ। କବିତା, ଗଳ୍ପ, ରମ୍ୟ ରଚନା, ଶିଶୁ ସାହିତ୍ୟ, ପ୍ରବନ୍ଧ ଓ ଆଲୋଚନା ତାଙ୍କ ସାହିତ୍ୟ ଜଗତକୁ ସମୃଦ୍ଧ କରେ। ଏକାଦଶ ଶ୍ରେଣୀ ଛାତ୍ରଭାବେ 'ସେ ପଥର ପଦଚିହ୍ନ' ପୁସ୍ତକ ସମ୍ପାଦନା କରି ଯେଉଁ ସାରସ୍ୱତ ଯାତ୍ରାପଥରେ ପାଦ ଥାପିଥିଲେ ତାହା ସୁଦୀର୍ଘ। ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା କାଳିନ୍ଦୀ ଚରଣ ପାଣିଗ୍ରାହୀ ସଂକଳନରେ ଶୁଭେଚ୍ଛା ଜଣାଇ ଯେଉଁ ଆଶୀର୍ବଚନ ଦେଇଥିଲେ ତାହା ଅରବିନ୍ଦଙ୍କ ଜୀବନକୁ ମାନ୍ଦ୍ରିତ କରିଛି। ତେଣୁ ସଂକଳନଟି ପାଠକାଦୃତି ଲାଭ କରିବ ବୋଲି ଆଶା କରାଯାଏ।



# କାନ୍ଥ ଖାଉଥିବା ମହିଳା

ବେଳେବେଳେ କିଛି ଲୋକଙ୍କୁ ଅଜବ ଖାଦ୍ୟ ଖାଇବାକୁ ଭଲ ଲାଗେ । ଆଉ ସେମାନେ ଏସବୁ ଖାଇବାରେ ଏତେ ଅଭ୍ୟସ୍ତ ହୋଇ ଯାଆନ୍ତି ଯେ, ଯେତେ ଚାହିଁଲେ ବି ଏଥିରୁ ନିବୃତ୍ତ ରହିପାରନ୍ତି ନାହିଁ। ଠିକ୍ ଯେମିତି ଆମେରିକାର ମିସିଗାନ୍‌ରେ ରହୁଥିବା ନିକୋଲଙ୍କର ଘରର କାନ୍ଥ ଖାଇବାର ଅଜବ ଅଭ୍ୟାସ ଅଛି। ପିଲାଦିନୁ ନିକୋଲଙ୍କର ଚକ୍ ଖାଇବାର ଅଭ୍ୟାସ ଥିଲା । ଆଉ ବଡ଼ ହେବା ପରେ ସେ ଘରର କାନ୍ଥ ଖୋଳି ଖାଇବାକୁ ଲାଗିଲେ । ଦିନକୁ ୬ ଥର ସେ ଘରର କାନ୍ଥକୁ ଖୋଳି ଚୁନ, ସିମେଣ୍ଟ, ବାଲି ଖାଇଥାନ୍ତି। ନିକୋଲ କହନ୍ତି, ମତେ ସୁଖିଲା କାନ୍ଥର ବାସ୍ନା ବହୁତ ଭଲ ଲାଗେ । ତାସହ ତା'ର ଟେକ୍ସଚର ଓ ଟେଷ୍ଟ ବି ଏତେ ପସନ୍ଦ ଯେ ସେ ସପ୍ତାହକ ଭିତରେ ୩.୨ ବର୍ଗ ଫୁଟ୍‌ର କାନ୍ଥ ଖୋଳି ଖାଇଯାଏ ।' ୩ ସନ୍ତାନର ଜନନୀ ନିକୋଲ କେବଳ ନିଜ ଘରର କାନ୍ଥ ନୁହେଁ, ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ କାନ୍ଥ ବି ଖୋଳି ଖାଇଥାନ୍ତି। ନିକୋଲ ନିଜର ଏହି ବଦଭ୍ୟାସ ଲାଗି ଲଜ୍ଜିତ ମନେ କରନ୍ତି । ଡାକ୍ତର କହିଛନ୍ତି ଏହି ବଦଭ୍ୟାସ ପାଇଁ ନିକୋଲଙ୍କୁ କ୍ୟାନ୍ସର ବି ହୋଇପାରେ । କିନ୍ତୁ ସେ ନିଜକୁ ଏଥିରୁ ଦୂରେଇ ରଖିପାରନ୍ତି ନାହିଁ।



ବ୍ୟାକ୍ ପେଜ୍



# ବୁଲେଟ୍‌ରେ ଭାରତ ଭ୍ରମଣ

ଅଧିକାଂଶଙ୍କର ଅନ୍ତର୍ନିହିତ ଇଚ୍ଛା ଥାଏ ବିଭିନ୍ନ ସ୍ଥାନ ବୁଲିବା ନୂଆ ନୂଆ ଜାଗା ଦେଖି ଅନେକ କିଛି ଜ୍ଞାନ ଆହରଣ କରିବା । ହେଲେ ଏ ସ୍ୱପ୍ନକୁ ବହୁତ କମ୍ ଲୋକ ପୂରଣ କରିପାରନ୍ତି। କେତେବେଳେ ଅର୍ଥାଭାବ ତ କେବେ ସମୟର ଅଭାବ ଏଥିରେ ଅନ୍ତରାୟ ସାଜେ। ତେବେ ମୁମ୍ବାଇ ଭଦୋଦରାରେ ରହୁଥିବା ଏକ ବୃଦ୍ଧ ଦମ୍ପତି ନିଜ ବୁଲେଟ୍‌ରେ ସାରା ଭାରତ ଭ୍ରମଣ କରି ଦେଖେଇ ଦେଇଛନ୍ତି ଯେ, ସ୍ୱପ୍ନକୁ ପୁରା କରିବାର ଝୁଙ୍କ ଥିଲେ ସ୍ୱପ୍ନ ନିଶ୍ଚୟ ପୂରଣ ହେବ। ଭଦୋଦରା ଏହି ବୃଦ୍ଧ ବ୍ୟକ୍ତି ଜଣକ କହନ୍ତି,୨୦୧୧ରେ ମୋ ସ୍ତ୍ରୀର ଗୋଡ ଭାଙ୍ଗି ଗଲା ଓ ସେହିବର୍ଷ ମୋତେ ହୃଦଘାତ ହେଲା । ଆଉ ଦୁହେଁ ଶଯ୍ୟାଶାୟୀ ହୋଇ ଯାଇଥିଲୁ। ଡାକ୍ତର ମତେ ଗାଡି ଚଳାଇବାକୁ ମନା କରିଥିଲେ। ହେଲେ ମତେ ଟିକେ ଭଲ ଲାଗିବା ପରେ ଚାରିକାନ୍ଥ ଭିତରେ ରହିବାକୁ ଭଲ ଲାଗି ନ ଥିଲା । ଆଉ ବୁଲେଟ୍ ଧରି ବୁଲିବା ଆରମ୍ଭ କଲି। ହେଲେ ଏକୁଟିଆ ପତ୍ନୀ ଲିଲା ବିନା ବୁଲିବାରେ ମଜା ଆସି ନ ଥିଲା । ତେଣୁ ନିଷ୍ପତ୍ତି ନେଲି ବୁଲେଟ୍‌ରେ ଏକ ସାଇଡ କାର୍ ଜଏଣ୍ଟ କରିବି । ଏହା କରିବା ପରେ ଲିଲା ଆରାମରେ ବସିପାରିଲେ। ଆଉ ପ୍ରଥମେ ଆମେ କମ ଦୂରତାର ସ୍ଥାନ ବୁଲିଲୁ।୨୦୧୬ରେ ଲଙ୍ଗ ଜର୍ଣ୍ଣି କରିବାକୁ ନିଷ୍ପତ୍ତି ନେଇ ଆମର ଫିକ୍ସଡ ଡିପୋଜିଟ୍ ଭାଙ୍ଗିଥିଲୁ। ଆଉ ଆମେ ମହାରାଷ୍ଟ୍ର, କେରଳ, ଗୋଆ କର୍ନାଟକ ଓ ତାମିଲନାଡୁ ଗଲୁ। ମଝିରେ ମଝିରେ ବିଶ୍ରାମ ନେବା ପାଇଁ ରହୁଥିଲୁ। ରାତିରେ ହୋଟେଲରେ ରହୁଥିଲୁ। ଦିନକୁ ୪୦୦୦ଟଙ୍କା ଖର୍ଚ୍ଚ ହେଉଥିଲା । ଲିଲା ବୁଲେଟ୍‌ରେ ହିଁ ଏକ ଗୁପ୍ତ ଲକର୍ କରିଥିଲେ । ସେଥିରେ ଟଙ୍କା ରଖୁଥିଲୁ। ଦୁହେଁ ହାତ ଧରାଧରି ହୋଇ ସୂର୍ଯ୍ୟାସ୍ତକୁ ଉପଭୋଗ କରିବାବେଳେ ଜୀବନ ବେଶ୍ ମଧୁର ଲାଗୁଥିଲା । ପ୍ରଥମ ଲଙ୍ଗ ଜର୍ଣ୍ଣି ୭୫ ଦିନରେ ସରିଥିଲା । ୨୦୧୮ରେ ଦ୍ୱିତୀୟ ଲଙ୍ଗ ଜର୍ଣ୍ଣି ଆରମ୍ଭ କରିଥିଲୁ। ସେଥର ଉତ୍ତର ଭାରତ ଭ୍ରମଣ କଲୁ। ୨୦୨୦ ଭିତରେ ଆମେ ୩୦,୦୦୦ କି.ମି. ଯାତ୍ରା କରିସାରିଥିଲୁ। ଆମେ ଗଲାବେଳେ ଲୋକ ଆମକୁ ଦେଖି ଜୟ ବୀରୁ ବୋଲି କହୁଥିଲେ । ଅନେକ ସମସ୍ୟା ଆସିଥିଲା ଯାତ୍ରା ବେଳେ । ହେଲେ ଆମେ ଅଟକି ନ ଥିଲୁ। ବୟସ ବଢିଛି ସିନା ମନ ଆମର ଯୁବସୁଲଭ ତେଣୁ ଏଭଳି ଭାରତ ଭ୍ରମଣ କରିବା ଆମ ପକ୍ଷେ ସମ୍ଭବ ହେଲା ।'





# ନିଆରା ଢଙ୍ଗରେ ପାହାଚ ଚଢି କଲେ ରେକର୍ଡ

ଆଜିକାଲି ଲିଫ୍ଟ ଓ ଏସ୍କାଲେଟର୍‌ର ବ୍ୟବହାର, ପାହାଚ ଠାରୁ ଅଧିକ କରାଯାଉଛି । କାରଣ ଏଥିରେ କମ୍ ସମୟରେ ପହଞ୍ଚିବା ସହ ଶାରୀରିକ ପରିଶ୍ରମ ବି କରିବାକୁ ପଡି ନ ଥାଏ । ହେଲେ ଲୋକେ ପାହାଚ ବ୍ୟବହାର ନ କରିବା ଯୋଗୁ ତାଙ୍କଠାରେ ବିଭିନ୍ନ ପ୍ରକାରର ଶାରୀରିକ ଅସୁସ୍ଥତା ଦେଖାଯାଉଛି। କାରଣ ପାହାଚ ଚଢା ଏକ ପ୍ରକାରର ବ୍ୟାୟାମ ଓ ଏହାକୁ ସମସ୍ତେ କରିବା ଜରୁରୀ । ଆଉ ଏହି କଥାକୁ ସମସ୍ତଙ୍କୁ ଅବଗତ କରାଇବା ଲାଗି ଚେନ୍ନାଇର ଆଧବ ସୁଗୁମାର ନାମକ ଜଣେ ବାଳକ ଏକ ଅଭିନବ ଉପାୟ ଆପଣେଇଥିଲେ । ସେ ୫୦ଟି ପାହାଚକୁ ଅଣ୍ଟାରେ ହୁଲା ହୁପ୍ ବୁଲାଇ ବୁଲାଇ ଚଢିଛନ୍ତି। ସେପୁଣି ମାତ୍ର ୧୮.୨୮ସେକେଣ୍ଡରେ । ଫଳରେ ସେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ କମ୍ ସମୟରେ ଅଣ୍ଟାରେ ହୁଲା ହୁପ୍ ବୁଲାଇ ୫୦ଟି ପାହାଚ ଚଢିଥିବା ବାଳକ ଭାବେ ରେକର୍ଡ କରିଛନ୍ତି। ତେବେ ଏହି କାରନାମା କରିବା ପୂର୍ବରୁ ସୁଗୁମାର ଦୁଇବର୍ଷ ପୂର୍ବରୁ ଅଣ୍ଟାରେ ହୁଲା ହୁପ ବୁଲାଇବାର ଅଭ୍ୟାସ କରିଥିଲେ ।

